# ସତ୍ୟ ନ୍ୟୁଜ୍

ଓଡ଼ିଆ ଦୈନିକ

RNI No.-ODIODI/2024/17847

www.satyanews24.in

RNI No.ODIODI/2024/17847

୦୧ ବର୍ଷ | Volume-01

ISSUE - 43 | ସଂଖ୍ୟା-୪୩

ଭୁବନେଶ୍ୱର,ଶନିବାର ୧, ମାର୍ଚ୍ଚ ୨୦୨୫

Bhubaneswar, Saturday, 1, March 2025

୦୮ ପୃଷ୍ଠା | Pages-08

ମୂଲ୍ୟ : ୭.୦୦ ଟଙ୍କା | Price : Rs.7.00

E-Mail : satyanews24.bbsr@gmail.com

Like, Follow & Subscribe Satya News24


## ସେଚ୍ଛାକୃତ ଅବସର ନିୟମରେ ପରିବର୍ତ୍ତନ କର: ହାଇକୋର୍ଟ

**କଟକ :** ସ୍ୱେଚ୍ଛାକୃତ ଅବସର ସମ୍ପର୍କିତ ବ୍ୟବସ୍ଥାରେ ହେବ ସଂଶୋଧନ । ଓସିଏସ୍ (ପେନସନ) ନିୟମାବଳୀ, ୧୯୯୨ରେ ସ୍ୱେଚ୍ଛାକୃତ ଅବସର ସମ୍ପର୍କିତ ବ୍ୟବସ୍ଥାରେ ସଂଶୋଧନ କରିବାକୁ ଓଡ଼ିଶା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାରଙ୍କୁ ଏନେଇ ନିର୍ଦ୍ଦେଶ ଦେଇଛନ୍ତି ଉଚ୍ଚ ନ୍ୟାୟାଳୟ । ଜଣେ ମେଡିକାଲ କଲେଜ ପ୍ରଫେସରଙ୍କ ସ୍ୱେଚ୍ଛାକୃତ ଅବସର ସଂକ୍ରାନ୍ତୀୟ ମାମଲାକୁ ଖାରଜ କରିବା ସହିତ ନିୟମାବଳୀରେ ସଂଶୋଧନ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏପରି ସଂସ୍କାରମୂଳକ ପଦକ୍ଷେପ ୩ ମାସ ଭିତରେ ଗ୍ରହଣ କରାଯିବ ବୋଲି ହାଇକୋର୍ଟ କହିଛନ୍ତି । ଡକ୍ଟର ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଡାକ୍ତର ସ୍ନିଗ୍ଧାପ୍ରଭା ମିଶ୍ରଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଅଦାଲତ ରାୟରେ ସ୍ପଷ୍ଟ କରିଛନ୍ତି ଯେ, ଡାକ୍ତରଙ୍କ ଅଭାବ କେବଳ ଏକ ଅସୁବିଧା ନୁହେଁ, ଏହା ଏକ ଗଭୀର ସାର୍ବଜନିକ ଚିନ୍ତାର ପ୍ରସଙ୍ଗ । ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ତାମିଲନାଡୁ ଓ ଅନ୍ୟ ରାଜ୍ୟରେ ସରକାର ସ୍ୱେଚ୍ଛାକୃତ ଅବସର ଆବେଦନ ଖାରଜ କରିବା କ୍ଷମତାକୁ ନିୟମବଦ୍ଧ କରିଛନ୍ତି । ସେବା ନିବୃତ୍ତ ପ୍ରସଙ୍ଗ ଜନସାଧାରଣଙ୍କ ମଙ୍ଗଳ ପ୍ରତି ବିପଦ ସୃଷ୍ଟି କରିବା କ୍ଷେତ୍ରରେ ଏହି କ୍ଷମତା ପ୍ରୟୋଗ କରାଯାଉଛି । କିନ୍ତୁ ରାଜ୍ୟରେ ବଳବତ୍ତର ଥିବା ଓସିଏସ୍ (ପେନସନ) ନିୟମାବଳୀ ଏହି ପ୍ରସଙ୍ଗରେ ନିରବ ରହିଛି । ଯେଉଁ ପେସାର ଅନୁପସ୍ଥିତିରେ ଜୀବନ ସଙ୍କଟରେ ପଡ଼ିଥାଏ ତାହା ଇଚ୍ଛାମତେ ପ୍ରତ୍ୟାହୃତ ହୋଇପାରିବ ନାହିଁ । ଏହି ପ୍ରସଙ୍ଗକୁ ଅନ୍ୟ ରାଜ୍ୟ ସ୍ୱୀକୃତି ମଧ୍ୟ ପ୍ରଦାନ କରିଛନ୍ତି । ଏପରି ସୁରକ୍ଷା ବ୍ୟବସ୍ଥାର ରାଜ୍ୟରେ ଅଭାବ ରହିଛି । କେବଳ ସେତିକି ନୁହେଁ, କୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଜନସାଧାରଣଙ୍କ ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ଡାକ୍ତରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଡାକ୍ତରଙ୍କ ମାନସିକ ଓ ଶାରୀରିକ କଲ୍ୟାଣ ପ୍ରସଙ୍ଗ ସୁନିଶ୍ଚିତ କରାଯିବା ଉଚିତ । ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଚିକିତ୍ସକ ହେଉଛନ୍ତି କେନ୍ଦ୍ର । ତେଣୁ କ୍ଲିନିକାଲ୍ ଅପରେସନ, ନୀତି ନିର୍ଦ୍ଧାରଣ ପ୍ରସଙ୍ଗକୁ ପରିଚାଳିତ କରୁଥିବା ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସେମାନଙ୍କ ଭୂମିକା ରହିବା ଉଚିତ । ଚିକିତ୍ସକ ପେସାରେ ଥିବା ବ୍ୟକ୍ତିବିଶେଷଙ୍କ କାର୍ଯ୍ୟସ୍ଥଳର ପରିସ୍ଥିତି, କ୍ଷତି ଭରଣା ଓ ପ୍ରଶାସନିକ ଅଭାବ ପ୍ରସଙ୍ଗରେ ରହିଥିବା ଚିନ୍ତା ଓ ସମସ୍ୟାର ଆକଳନ ତଥା ସମାଧାନ ପାଇଁ ନିୟମିତ ସମୀକ୍ଷା ସ୍ୱାସ୍ଥ୍ୟସେବା ବ୍ୟବସ୍ଥା କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି । ଆବେଦନକାରୀ ଫିଜିଓଲୋଜି ପ୍ରଫେସର ଭାବେ ବ୍ରହ୍ମପୁର ସ୍ଥିତ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ କାର୍ଯ୍ୟ କରୁଥିବାବେଳେ ତାଙ୍କୁ ଭବାନୀପାଟଣା ସ୍ଥିତ ଏସଆରଏମ ମେଡିକାଲ କଲେଜ ଓ ହସ୍ପିଟାଲର ଅଧୀକ୍ଷକ ପଦରେ ନିଯୁକ୍ତି ଦିଆଯାଇଥିଲା ।

### ପ୍ରଥମକରି ଓଡ଼ିଶାରେ ଉଦ୍‌ଘାଟିତ ହେଲା ଜାତୀୟ ସ୍ୱାସ୍ଥ୍ୟ ସମ୍ମିଳନୀ

# ୨୦୨୫ ସୁଦ୍ଧା ଟିବି ମୁକ୍ତ ହେବ ଭାରତ




- ସମସ୍ତ ଜିଲ୍ଲା ହସ୍ପିଟାଲରେ ହେବ ଡେ କେୟାର ସେଣ୍ଟର
- ଜନ ପ୍ରତିନିଧି ସକ୍ରିୟ ହେବାସହ ଜନ ଭାଗିଦାରୀ ସୃଷ୍ଟି କରନ୍ତୁ:ନଡ୍ଡା
- ୧୯ ରାଜ୍ୟର ୩୮ ଜିଲ୍ଲାରେ ସଫଳତା ସାଉଁଟିଥିବା ମଡେଲରୁ ଅନୁକରଣ କରିବେ ସବୁ ରାଜ୍ୟ
- କେବଳ କିଓରେଟିଭ ନୁହେଁ ପ୍ରିଭେଣ୍ଟିଭ୍ ଓ ପ୍ରମୋଟିଭ୍ ହେଲ୍ଥ କେୟାର ଉପରେ ଫୋକସ
- ଆକ୍ସେସେବ୍ୟୁଲ ହେଲ୍ଥ କେୟାର ଦିଗରେ ଆଗକୁ ବଢ଼ୁଛି ଓଡ଼ିଶା
- ଦୁଇବର୍ଷ ଭିତରେ ସବୁ ଡାକ୍ତରଖାନାରେ ଡାକ୍ତର ଓ ପାରା ମେଡିକାଲ ପଦବୀ ହେବ ପୂରଣ,ମିଳିବ IPHS NORM : ମହାଲିଙ୍ଗ

**ପୁରୀ :** କେନ୍ଦ୍ର ସରକାରଙ୍କ ଫୋକସ ରେ ଓଡ଼ିଶା । NRI DAY,NAVY DAY, ଉତ୍କର୍ଷ ଓଡ଼ିଶା ପରେ ଏବେ ଓଡ଼ିଶାର ଫୋକସ ସିଟି ପୁରୀରେ ଉଦ୍ଘାଟିତ ହୋଇଛି ନବମ ଜାତୀୟ ସ୍ୱାସ୍ଥ୍ୟ ସମ୍ମିଳନୀ ।ଫେବୃଆରୀ ୨୮ ଓ ମାର୍ଚ୍ଚ ୧ ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀକୁ ଉଦ୍ଘାଟନ କରିଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ।ନଡ୍ଡା ଆହ୍ୱାନ ଦେଇଛନ୍ତି ଜନ ଭାଗିଦାରୀ ହିଁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନିଭାଇପାରେ ବଡ ଭୂମିକା ।୨୦୧୭ ରୁ ଦେଶରେ ସ୍ୱାସ୍ଥ୍ୟ ସେବା ମଡେଲ ବଦଳିଛି । କେବଳ କିଓରେଟିଭ ସ୍ୱାସ୍ଥ୍ୟ ମଡେଲ ପରିବର୍ତ୍ତେ ଉଭୟ କିଓରେଟିଭ, ପ୍ରିଭେଣ୍ଟିଭ ଓ ପ୍ରୋମୋଟିଭ ହେଲ୍ଥ କେୟାର ଆପଣାଇ ଏଲ ବଲାନସ ହେଲ୍ଥ କେୟାର ଆପଣାଉଛି ଭାରତ । ଗ୍ଲୋବାଲ ଡିକ୍ଲାଇନ ଠାରୁ ଭାରତରେ ଗଗଜ ଓ ଓଗଜ ଦୁଇଗୁଣା ଅଧିକ ଡିକ୍ଲାଇଁନ୍ ହୋଇଛି ।ଅର୍ଥାତ୍ ମାତୃ ଓ ଶିଶୁ ମୃତ୍ୟୁ ହାର କମେଇବାରେ ଦୁଇଗୁଣ ସକ୍ସେସ ହୋଇଛି ଭାରତ । ତୃଣମୂଳ ସ୍ତରରେ ଆଶା କର୍ମୀଙ୍କ ଏଫର୍ଟ ଯୋଗୁଁ ବଦଳିଛି ସ୍ୱାସ୍ଥ୍ୟ ସେବାର ରୂପରେଖ । ସଠିକ୍ ଟୁଲ କିଟ୍ ର ବ୍ୟବହାର ସାଉଟିଛି ସଫଳତା ।୨୦୨୫ ସୁଦ୍ଧା ଟିବି ମୁକ୍ତ ହେବ ଭାରତ । ୩୭ କୋଟି ଲୋକଙ୍କୁ ନେଇ ବ୍ରେଷ୍ଟ୍ କ୍ୟାନ୍ସର,ସର୍ଭିକ୍ କ୍ୟାନ୍ସର ,ଡାଇବେଟିସ ଉପରେ ହେବ ୟୁନିଭର୍ଷାଲ ସ୍କ୍ରିନିଂ । ୨୦୨୫ ରେ ୨୦୦ ହସ୍ପିଟାଲ ରେ ହେବ ଡେ କେୟାର ସେଣ୍ଟର । ଆଗାମୀ ଦିନରେ ଦେଶର ସମସ୍ତ ଜିଲ୍ଲା ହସ୍ପିଟାଲ ରେ ହେବ ଡେ କେୟାର ସେଣ୍ଟର୍ । ମିଳିବ କେମୋଥେରାପି ।ସେଇଭଳି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଦ୍ୱାରା ଅର୍ଥ ବଞ୍ଚିବା ସହ ସର୍ବୋତ୍ତମ ଡାକ୍ତରଙ୍କ ମାଧ୍ୟମରେ ପରାମର୍ଶ ପାଇପାରିବେ ରୋଗୀ । ନଡ୍ଡା କହିଛନ୍ତି ବର୍ଷକୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରୀଆରେ ୨୦୦୦ କୋଟି ଖର୍ଚ୍ଚ ରେସକ୍ଷମ ସରକାର । ନାହିଁ ଅର୍ଥ ଚିନ୍ତା, ଜନ ପ୍ରତିନିଧି ସକ୍ରିୟ ହେବାସହ ଜନ ଭାଗିଦାରୀ ହେବା ସହ ଉନ୍ନତ ହେବ ସ୍ୱାସ୍ଥ୍ୟ ସେବା । ଜାତୀୟ ସ୍ୱାସ୍ଥ୍ୟ ମିଶନ ଦ୍ୱାରା ହେଉଥିବା ଉଜଗ ବା କମନ୍ ରିଭ୍ୟୁ ମିଶନ ମାଧ୍ୟମରେ ୧୯ ରାଜ୍ୟର ୩୮ ଜିଲ୍ଲାରେ ଆପଣା ଯାଇଥିବା ମଡେଲ କୁ ଆକ୍ସେସ କରାଯାଇଛି । ସବୁର ସମୀକ୍ଷା ଆଲୋଚନା ହେବା ସହ ସଫଳ ମଡେଲ ଗୁଡ଼ିକୁ ଅନ୍ୟ ରାଜ୍ୟରେ ଅନୁକରଣ କରିବାକୁ ବାଟ ଦେଖାଇବ । ସିକ୍କିମରେ ପାହାଡିଆ ଅଞ୍ଚଳରେ ଓଘରଇଘଞ ଗଙଜTALITY RATE ହ୍ରାସ ହେଉ ଅଥବା କର୍ଣ୍ଣାଟକର ବ୍ରେନ୍ ହେଲ୍ଥ ମଡେଲ ଅଥବା ମଧ୍ୟ ପ୍ରଦେଶର ଆୟୁଷ୍ମାନ ପେମେଣ୍ଟ ଇତ୍ୟାଦି ମଡେଲଷ୍ଟରକୁ ଅନୁକରଣ କରିପାରିବେ ଅନ୍ୟ ରାଜ୍ୟ । ତେବେ ଓଡ଼ିଶା ଏଥିରୁ ଅନେକ କିଛି ମଡେଲ କୁ ଆପଣାଇ ପାରିବ ।ଆଗାମୀ ଦିନରେ ଓଟଐଝ ଘଙଜଗ ସହ ସବୁ ଜିଲ୍ଲା ଡାକ୍ତରଖାନାରେ ଖାଲିଥିବା ଡାକ୍ତର ପଦବୀ ଓ ପାରା ମେଡିକାଲ ପଦବୀ ପୂରଣ ହେବ କହିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ । ୩୦ ଜିଲ୍ଲାରେ ୧୪ ମେଡିକାଲ୍ କଲେଜ ଆଣ୍ଡ ହସପିଟାଲ ପାଇଁ ଯୋଜନା ରହିଛି କହିଛନ୍ତି ମୁଖ୍ୟମନ୍ତ୍ରୀ । ଫୁଲବାଣୀ ଓ ଅନୁଗୁଳ ରେ ୨ ମେଡିକାଲ କଲେଜ ଆଣ୍ଡ ହସପିଟାଲ ପାଇଁ ତ୍ୱରାନ୍ୱିତ ହେଉଛି ।ସବୁ ଜିଲ୍ଲାରେ ଗୋଟିଏ ଗୋଟିଏ ମେଡିକାଲ କଲେଜ ଆଣ୍ଡ ହସପିଟାଲ ପାଇଁ ପ୍ରସ୍ତାବ ରଖିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ । ସେପଟେ ଆଗାମୀ ଦିନରେ ଆୟୁଷ୍ମାନ ଯୋଜନା ଓ ରାଜ୍ୟ ସରକାରଙ୍କ ଗୋପବନ୍ଧୁ ଜନ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଲାଗୁ ହେବ । ରାଜ୍ୟର ୨୯ ହଜାର ହସ୍ପିଟାଲ ରେ ଏହି ସୁବିଧା ମିଳିବ ଯାହାର ଲାଭ ନେବେ ୩ କୋଟି ୫୦ ଲକ୍ଷ୍ୟ ରାଜ୍ୟବାସୀ ।ତେବେ ବିଭିନ୍ନ ମଡେଲ ର ସୁବିନିଯୋଗ ପାଇଁ ରାସ୍ତା ଓ ପ୍ଲାନ୍ ଦେବ ଏହି ସମ୍ମିଳନୀ । ଦେଶ ତଥା ରାଜ୍ୟରେ ନୂଆ ପ୍ଲାନ୍ ର କାର୍ଯ୍ୟକାରିତା, ସ୍ୱାସ୍ଥ୍ୟ ସେବା କ୍ଷେତରେ ନୂଆ ଉଦ୍ଭାବନ ଓ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ବିଷୟରେ ବେଶ ଉପାଦେୟ ହେବ ଏହି ଜାତୀୟ ସମ୍ମିଳନୀ । ପୂର୍ଣ୍ଣ ଟୀକାକରଣ ଓ ଶିଶୁ ମୃତ୍ୟୁ ହାର ହ୍ରାସ ରେ ଆଗକୁ ବଢୁଛି ଓଡ଼ିଶା ।ଆଗକୁ ପ୍ରତି ପଞ୍ଚାୟତରେ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ପ୍ରସ୍ତୁତ କରିବା ସହ ଆକେଶସେବୁଲ ହେଲ୍ଥ କେୟାର କ୍ଷେତ୍ରରେ ଆଗାମୀ ଦିନରେ ବେଶ ସମୃଦ୍ଧ ହେବାକୁ ଯାଉଛି ଓଡ଼ିଶା ।

## ପରବର୍ତ୍ତୀ ସେବି ମୁଖ୍ୟ ହେବେ ତୁହିନ କାନ୍ତ ପାଣ୍ଡେ



**ନୂଆଦିଲ୍ଲୀ :** କେନ୍ଦ୍ର ସରକାର ତୁହିନ କାନ୍ତ ପାଣ୍ଡେଙ୍କୁ ପରବର୍ତ୍ତୀ ସେବି ମୁଖ୍ୟ ଭାବରେ ନିଯୁକ୍ତ କରିଛନ୍ତି । ତାଙ୍କର କାର୍ଯ୍ୟକାଳ ତିନି ବର୍ଷ ପାଇଁ ହେବ । କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପାଣ୍ଡେଙ୍କ ନିଯୁକ୍ତି ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରିଛି । କ୍ୟାବିନେଟ ନିଯୁକ୍ତିକୁ ଅନୁମୋଦନ କରିବା ପରେ ଜାରି ହୋଇଥିବା ଚିଠି ଅନୁଯାୟୀ, ୧୯୮୭ ବ୍ୟାଚ ପ୍ରଶାସନିକ ଅଧିକାରୀ ତୁହିନ କାନ୍ତ ପାଣ୍ଡେ ବର୍ତ୍ତମାନ ଅର୍ଥ ମନ୍ତ୍ରଣାଳୟରେ ସଚିବ ଭାବରେ କାର୍ଯ୍ୟ କରୁଛନ୍ତି । ନିଯୁକ୍ତି ଆଦେଶରେ ସରକାର ସ୍ପଷ୍ଟ କରିଛନ୍ତି, ସେମାନଙ୍କର କାର୍ଯ୍ୟକାଳ ଦାୟିତ୍ୱ ଗ୍ରହଣ କରିବା ତାରିଖରୁ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ତିନି ବର୍ଷ ହେବ । ପାଣ୍ଡେ ଓଡ଼ିଶା କ୍ୟାଡରର ଜଣେ ବରିଷ୍ଠ ଆଇଏଏସ ଅଧିକାରୀ ରହିଆସିଛନ୍ତି । ଦୁଇ ବର୍ଷରୁ ଅଧିକ ସମୟ ପୂର୍ବେ ହୋଇଥିବା ଏୟାର ଇଣ୍ଡିଆର ବିନିଯୋଗ ପ୍ରକ୍ରିୟା ସମୟରେ ମଧ୍ୟ ପାଣ୍ଡେ ଚର୍ଚ୍ଚାରେ ଥିଲେ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦଳର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିବା ବରିଷ୍ଠ ବ୍ୟୁରୋକ୍ରାଟ ତୁହିନ କାନ୍ତ ପାଣ୍ଡେ ସେପ୍ଟେମ୍ବର ୨୦୨୪ରେ ଅର୍ଥ ସଚିବ ହୋଇଥିଲେ । ଜାନୁଆରୀ ୨୦୨୫ରେ, ତାଙ୍କୁ ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ବିଭାଗ ସଚିବର ଅତିରିକ୍ତ ଦାୟିତ୍ୱ ମଧ୍ୟ ଦିଆଯାଇଥିଲା । ଏୟାର ଇଣ୍ଡିଆର ଘରୋଇକରଣ ଏବଂ ଭାରତୀୟ ଜୀବନ ବୀମା ନିଗମ (ଏଲଆଇସି)ର ଆଇପିଓ ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ଜଣାଶୁଣା ପାଣ୍ଡେ ଅର୍ଥ ମନ୍ତ୍ରଣାଳୟରେ ଯୋଗଦେବା ପୂର୍ବରୁ ଗୃହ କ୍ୟାଡର ଓଡ଼ିଶାରେ ପ୍ରମୁଖ ସଚିବ ଭାବରେ କାର୍ଯ୍ୟ କରିଛନ୍ତି ।

## ପଞ୍ଚଭୂତରେ ବିଲୀନ ଉତ୍ତମ ମହାନ୍ତି



- ପୁତ୍ର ବାବୁସାନ୍ ଦେଲେ ମୁଖାଗ୍ନି
- ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ

**ଭୁବନେଶ୍ୱର :** ଓଲିଉଡ୍‌ର ବରିଷ୍ଠ ଅଭିନେତା ଉତ୍ତମ ମହାନ୍ତି ପଞ୍ଚଭୂତରେ ବିଲୀନ ହୋଇଛନ୍ତି । ଅଶ୍ରୁଳ ଓ ଶୋକାକୁଳ ପରିବେଶ ମଧ୍ୟରେ ଶୁକ୍ରବାର ଅପରାହ୍ଣରେ ଭୁବନେଶ୍ୱରର ସତ୍ୟନଗର ଶ୍ମଶାନରେ ସ୍ୱର୍ଗତଃ ଉତ୍ତମ ମହାନ୍ତିଙ୍କ ପାର୍ଥିବ ଶରୀରକୁ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ କରାଯାଇଛି । ମରଶରୀରରେ ତାଙ୍କର ସୁପୁତ୍ର ବାବୁସାନ ମହାନ୍ତି ମୁଖାଗ୍ନି ଦେଇଥିଲେ । ଏହି ଶୋକାକୁଳ ପରିବେଶରେ ଉତ୍ତମ ମହାନ୍ତିଙ୍କ ସଂପର୍କୀୟ, ପ୍ରଶଂସକ, ଶୁଭେଚ୍ଛୁ ଆଦି ଉପସ୍ଥିତ ଥିଲେ । ଅନ୍ତିମ ସଂସ୍କାର ପୂର୍ବରୁ ପାର୍ଥିବ ଶରୀରକୁ ଜଗନ୍ନାଥ ବିହାର ବାସଭବନରୁ ସତ୍ୟନଗର ଶ୍ମଶାନକୁ ନିଆଯାଇଥିଲା । ଉତ୍ତମଙ୍କ ବିୟୋଗରେ ଓଲିଉଡ୍ ତଥା ସାରା ଓଡ଼ିଶାରେ ଶୋକର ଛାୟା ଖେଳିଯାଇଛି । ଗତ ୬ ତାରିଖ ଦିନ ଉତ୍ତମ ମହାନ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିଥିଲା । ଏହା ପରେ ତାଙ୍କୁ ଭୁବନେଶ୍ୱରର କିମ୍ସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ପରେ ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ୮ ତାରିଖରେ ଏୟାର ଆମ୍ବୁଲାନ୍ସରେ ଦିଲ୍ଲୀ ସ୍ଥାନାନ୍ତରିତ କରାଯାଇଥିଲା । ଗୁରୁଗ୍ରାମର ମେଦାନ୍ତ ହସ୍‌ପିଟାଲରେ ତାଙ୍କର ଲିଭର ସିରୋସିସ୍ ସହ ନିମୋନିଆର ଚିକିତ୍ସା ଚାଲିଥିଲା । ଉତ୍ତମ ମହାନ୍ତି ସୁସ୍ଥ ହୋଇ ଓଡ଼ିଶା ଫେରନ୍ତୁ ବୋଲି ସାରା ରାଜ୍ୟରେ ଶହଶହ ପ୍ରଶଂସକ ଆରୋଗ୍ୟ କାମନା କରିଥିଲେ । ତେବେ ଦୀର୍ଘ ୨୨ ଦିନ କାଳ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ସେ ଗତକାଲି ରାତିରେ ଚିରବିଦାୟ ନେଇଗଲେ । ଆଜି ପୂର୍ବାହ୍ଣରେ ତାଙ୍କର ମରଶରୀର ଦିଲ୍ଲୀରୁ ବାହାରୁ ଦିନ ପ୍ରାୟ ୧୧ଟାରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚି ଥିଲା । ବିମାନବନ୍ଦରରୁ ମରଶରୀରକୁ ତାଙ୍କର ଜଗନ୍ନାଥ ବିହାରସ୍ଥିତ ବାସଭବନକୁ ନିଆଯାଇଥିଲା । ସେଠାରେ ଓଡ଼ିଆ ଚଳଚ୍ଚିତ୍ର ଜଗତର କଳାକାରମାନେ, ପରିବାର, ଆତ୍ମୀୟସ୍ୱଜନ, ପ୍ରଶଂସକ ପ୍ରମୁଖ ଅନ୍ତିମ ଦର୍ଶନ କରିଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଲୋକପ୍ରିୟ ଚଳଚ୍ଚିତ୍ର ତାରକା ସ୍ୱର୍ଗତ ଉତ୍ତମ ମହାନ୍ତିଙ୍କ ବାସଭବନରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି

## ଉତ୍ତମଙ୍କ ବିୟୋଗ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଅପୂରଣୀୟ କ୍ଷତି: ରାଷ୍ଟ୍ରପତି

ଓଡ଼ିଆ ଚଳଚ୍ଚିତ୍ର ଜଗତର ବରିଷ୍ଠ ଅଭିନେତା ଉତ୍ତମ ମହାନ୍ତି ଉତ୍ତମଙ୍କ ବିୟୋଗରେ ରାଷ୍ଟ୍ରପତିଙ୍କ ଶୁକ୍ରବାର ଶୋକ ପ୍ରକାଶ କରିଛନ୍ତି । ଉତ୍ତମଙ୍କ ବିୟୋଗରେ ରାଷ୍ଟ୍ରପତି ଗଭୀର ଦୁଃଖ ପ୍ରକାଶ କରିବା ସହ ମର୍ମାହତ ବୋଲି କହିଛନ୍ତି । ନାୟକ ଭୂମିକାରେ ଅସଂଖ୍ୟ ଦର୍ଶକଙ୍କ ହୃଦୟ ଜୟ କରିଥିଲେ ଉତ୍ତମ । ଓଡ଼ିଆ ଚଳଚ୍ଚିତ୍ର ବିକାଶ କ୍ଷେତ୍ରରେ ଉତ୍ତମଙ୍କ ଅବଦାନ ସର୍ବଦା ସ୍ମରଣୀୟ ରହିବ । ତାଙ୍କ ବିୟୋଗ ଓଡ଼ିଆ ଚଳଚ୍ଚିତ୍ର ଜଗତର ଅପୂରଣୀୟ କ୍ଷତି ବୋଲି ରାଷ୍ଟ୍ରପତି ସୋସିଆଲ ମିଡିଆ ଏକ୍ସରେ ଉଲ୍ଲେଖ କରିଛନ୍ତି ।

### ଆଇପିଏସ ସ୍ତରରେ ବଡ଼ ଧରଣର ଅଦଳବଦଳ

## ବଦଳିଲେ ଭୁବନେଶ୍ୱର ଓ କଟକ ଡିସିପି

**ଭୁବନେଶ୍ୱର :** ଆଇପିଏସ ସ୍ତରରେ ଶୁକ୍ରବାର ବଡ଼ ଧରଣର ଅଦଳବଦଳ କରାଯାଇଛି । ଏହି ଅଦଳବଦଳରେ କମିଶନରେଟ ପୁଲିସର ଭୁବନେଶ୍ୱର ଏବଂ କଟକ ଡିସିପିଙ୍କୁ ବଦଳି କରାଯାଇଛି । ଭୁବନେଶ୍ୱର ଡିସିପି ଥିବା ପିନାକ ମିଶ୍ରଙ୍କୁ ଏସଟିଏଫ ଡିଆଇଜି ଭାବେ ବଦଳି କରାଯାଇଥିବା ବେଳେ ତାଙ୍କ ସ୍ଥାନରେ କଟକ ଡିସିପି ଜଗମୋହନ ମୀନାଙ୍କୁ ଭୁବନେଶ୍ୱର ଡିସିପି ଭାବେ ବଦଳି କରାଯାଇଛି । ଏସ.ଏମ. ନରୱାଣେଙ୍କୁ ଓଏଚଆରସିର ସ୍ୱତନ୍ତ୍ର ଡିଜି, ଅବକାରୀ କମିଶନର ନରସିଂହ ଭୋଳଙ୍କୁ ଅତିରିକ୍ତ ପୁଲିସ କମିଶନର ଭାବେ ନିଯୁକ୍ତ କରାଯାଇଛି । ସେହିପରି ଆଇପିଏସ ଅଧିକାରୀ ଜୟନାରାୟଣ ପଙ୍କଜଙ୍କୁ ଆଇଜିପି ଇଣ୍ଟେଲିଜେନ୍ସ, ଦୀପକ କୁମାରଙ୍କୁ ଆଇଜିପି ଅପରେସନ, ସାର୍ଥକ ଷଡ଼ଙ୍ଗୀଙ୍କୁ ସିଆଇଡି-ସିବି ଆଇଜିପି, ନିତି ଶେଖରଙ୍କୁ ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜି, ଉମାଶଙ୍କର ଦାଶଙ୍କୁ ଗୃହରକ୍ଷୀ ଓ ଅଗ୍ନିଶମ ବିଭାଗ ଡିଆଇଜି ଭାବେ ବଦଳି କରାଯାଇଛି ।





### ଦେଶର ଅର୍ଥନୀତି ଲାଗି ଖୁସି ଖବର

# ତ୍ରୈମାସିକ ଜିଡ଼ିପିରେ ଘଟିଛି ଅଭିବୃଦ୍ଧି

**ନୂଆଦିଲ୍ଲୀ :** କେନ୍ଦ୍ର ସରକାର ୨୦୨୫ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ (ଅକ୍ଟୋବର-ଡିସେମ୍ବର) ପାଇଁ ଏଡଚ ତଥ୍ୟ ପ୍ରକାଶ କରିଛନ୍ତି । ଏଥିରେ ଅଭିବୃଦ୍ଧି ହାର ୬.୨% ରହିଛି । ଏହା ଦ୍ୱିତୀୟ ତ୍ରୈମାସିକର ୫.୬% ଅପେକ୍ଷା ଅଧିକ, କିନ୍ତୁ ଆନୁମାନିକ ୬.୩%ଠାରୁ ସାମାନ୍ୟ କମ ଥିଲା । ଏହା ସତ୍ତ୍ୱେ ଏହା ପୂର୍ଣ୍ଣ ବର୍ଷର ଅଭିବୃଦ୍ଧି ହାର ୬.୫% ବଜାୟ ରଖିବାରେ ସାହାଯ୍ୟ କରିବ । ସରକାର ପୂର୍ବ ଆର୍ଥିକ ବର୍ଷର ଅଭିବୃଦ୍ଧି ହାର ଆକଳନକୁ ମଧ୍ୟ ସଂଶୋଧନ କରିଛନ୍ତି । ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଅଭିବୃଦ୍ଧି ହାର ୮.୨% ରୁ ୯.୨%କୁ ବୃଦ୍ଧି କରାଯାଇଛି, ଯେତେବେଳେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଏହି ହାର ୭% ରୁ ୭.୬% କୁ ବୃଦ୍ଧି କରାଯାଇଛି । ଚଳିତ ଆର୍ଥିକ ବର୍ଷର ଶେଷ ତ୍ରୈମାସିକରେ ୬.୪% ଅଭିବୃଦ୍ଧି ଆଶା କରାଯାଉଛି । ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜ ଜାରି ରହିଥିଲେ ମଧ୍ୟ ଟିକସ ସୁଧାର ଏବଂ ନୀତିଗତ ନିଷ୍ପତ୍ତି ଭାରତର ଅର୍ଥନୀତିକୁ ସୁଦୃଢ଼ ରଖିବ । ସରକାରଙ୍କ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଭାରତର ଅର୍ଥନୀତିର ମୋଟ ଆକାର ଏବେ ୪୭.୧୭ ଲକ୍ଷ କୋଟିରେ ପହଞ୍ଚିଛି । ଯଦି ଆମେ ମୁଦ୍ରାସ୍ଫୀତିକୁ ହିସାବ କରିବା, ତେବେ ଏଡଚ ୯.୯% ହାରରେ ଅଭିବୃଦ୍ଧି ପାଇଛି । ସେହିଭଳି ଦେଶର ମୋଟ ଉତ୍ପାଦନକୁ ପ୍ରତିଫଳିତ କରୁଥିବା ଏଠଇ ମଧ୍ୟ ୬.୨% ବୃଦ୍ଧି ପାଇଛି । ଗତ ତ୍ରୈମାସିକରେ ଏଡଚ ଅଭିବୃଦ୍ଧି ପୂର୍ବରୁ ୫.୪% ଥିବା ରିପୋର୍ଟ କରାଯାଇଥିଲା କିନ୍ତୁ ବର୍ତ୍ତମାନ ଏହାକୁ ୫.୬%କୁ ସଂଶୋଧିତ କରାଯାଇଛି । ଅକ୍ଟୋବର-ଡିସେମ୍ବର ତ୍ରୈମାସିକରେ କୃଷି କ୍ଷେତ୍ରର ଅଭିବୃଦ୍ଧି ୫.୬% ଥିଲା । ତଥାପି ଉତ୍ପାଦନ କ୍ଷେତ୍ରର ଅଭିବୃଦ୍ଧି ସାମାନ୍ୟ ହ୍ରାସ ପାଇ ୩.୫% ହୋଇଛି । ହୋଟେଲ, ପରିବହନ ଏବଂ ଯୋଗାଯୋଗ ଭଳି କ୍ଷେତ୍ରଗୁଡ଼ିକ ମଧ୍ୟ ପୂର୍ବ ତୁଳନାରେ ସାମାନ୍ୟ ମନ୍ଥର ହୋଇଥିଲା ଏବଂ ୬.୭% ହାରରେ ଅଭିବୃଦ୍ଧି ପାଇଥିଲା । ଏହି ସମୟ ମଧ୍ୟରେ ସାଧାରଣ ଲୋକଙ୍କ ଖର୍ଚ୍ଚ ୬.୯% ବୃଦ୍ଧି ପାଇ ୨୮.୧୦ ଲକ୍ଷ କୋଟିରେ ପହଞ୍ଚିଛି, କିନ୍ତୁ ସରକାରୀ ଖର୍ଚ୍ଚ ୮.୩% ହ୍ରାସ ପାଇଛି, ଯାହା କିଛି କ୍ଷେତ୍ରକୁ ପ୍ରଭାବିତ କରିଛି । ତେବେ ଫେବୃଆରୀ ମାସ ବଜାର ପାଇଁ ବହୁତ ନିରାଶାଜନକ ଥିଲା । ସେନସେକ୍ସ, ନିଫ୍ଟି ଜୁନ ୨୦୨୪ ର ସର୍ବନିମ୍ନ ସ୍ତରରେ ପହଞ୍ଚିଥିଲା ଏବଂ ନିଫ୍ଟି ଜୁନ ୪, ୨୦୨୪ ପରେ ପ୍ରଥମ ଥର ପାଇଁ ୨୨,୨୦୦ ତଳେ ବନ୍ଦ ହୋଇଥିଲା । କୋଭିଡ୍ ପରେ ପ୍ରଥମ ଥର ନିଫ୍ଟି ଲଗାତାର ପଞ୍ଚମ ମାସ ପାଇଁ କ୍ଷତି ପଞ୍ଜିକୃତ କରିଛି । ଏହି ସପ୍ତାହରେ ନିଫ୍ଟି ୨% ହ୍ରାସ ପାଇ ବନ୍ଦ ହୋଇଛି । ସେନସେକ୍ସ ମଧ୍ୟ ପ୍ରାୟ ୯ ମାସର ସର୍ବନିମ୍ନ ୭୩,୧୯୮ ରେ ବନ୍ଦ ହୋଇଥିଲା । ଏହି ସପ୍ତାହରେ ବେଞ୍ଚମାର୍କ ୩୦-ଷ୍ଟକ ସୂଚକାଙ୍କ ପ୍ରାୟ ୩% ହ୍ରାସ ପାଇଛି । ସେନସେକ୍ସ ଏବଂ ନିଫ୍ଟି ଉଭୟ ସେମାନଙ୍କର ୫୨ ସପ୍ତାହର ସର୍ବନିମ୍ନ ସ୍ତରରୁ ପ୍ରାୟ ୪% ଦୂରରେ ଅଛନ୍ତି ।

### ‘କଟିଲାଣି ୪ ଲକ୍ଷ ଭୁତ କାର୍ଡ’

# ଆଜିଠୁ ଖୋଲିବ ରାସନ କାର୍ଡ ଆବେଦନ ପୋର୍ଟାଲ : ଯୋଗାଣମନ୍ତ୍ରୀ

**ସମ୍ବଲପୁର :** ମାର୍ଚ୍ଚ ୧ ତାରିଖରୁ ନୂତନ ରାସନ କାର୍ଡ ଆବେଦନ ପାଇଁ ପୋର୍ଟାଲ ଖୋଲିବ । ରାସନ କାର୍ଡରୁ ବାଦ ପଡିଥିବା ହିତାଧିକାରୀମାନେ ଆବେଦନ କରିପାରିବେ । ଶୁକ୍ରବାର ଖାଦ୍ୟ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସମ୍ବଲପୁର ଗସ୍ତ ସମୟରେ ଏକ ସମୀକ୍ଷା ବୈଠକରେ ଏହା କହିଛନ୍ତି । ଯୋଗାଣ ମନ୍ତ୍ରୀ ପାତ୍ର ଏକ ଦିବସୀୟ ସମ୍ବଲପୁର ଗସ୍ତରେ ଶୁକ୍ରବାର ଆସିଥିଲେ । ଯୋଗାଣ ମନ୍ତ୍ରୀ ପୂର୍ବାହ୍ନରେ ସମ୍ବଲପୁରରେ ପହଞ୍ଚିବା ପରେ ସ୍ଥାନୀୟ ସାର୍କିଟ ହାଉସଠାରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଓ ଜିଲା ପ୍ରଶାସନ ସହିତ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ସମୀକ୍ଷା ବୈଠକରେ ଯୋଗଦେବା ପରେ ମନ୍ତ୍ରୀ ପାତ୍ର କହିଛନ୍ତି ଯେ, ବିଭିନ୍ନ ଜିଲାର ସମୀକ୍ଷା କରାଯାଉଥିବା କ୍ରମରେ ଆଜିର ବୈଠକରେ ସମ୍ବଲପୁର ଜିଲାର ସମୀକ୍ଷା ହୋଇଛି । ଧାନ କିଣାବିକା କିଭଳି ହେଲା, ଅଧିକାରୀମାନଙ୍କ ସହଯୋଗ କିଭଳି ଥିଲା, ଆଉ କଣ କରିଲେ ଆଗାମୀ ଦିନରେ ଆହୁରି ଭଲ ହେବ, କେତେ ପ୍ରତିଶତ ଧାନ କିଣା ହୋଇଛି ଆଦି ବିଭିନ୍ନ ବିଷୟକୁ ନେଇ ବୈଠକରେ ଆଲୋଚନା ହୋଇଛି । ସମ୍ବଲପୁର ଜିଲାରେ ଧାନ କିଣା ବିନା କଟନୀ ଛଟନୀରେ ସୁରୁଖୁରୁରେ ପ୍ରାୟତଃ ଶେଷ ହୋଇଯାଇଛି । କିଛି ଅସୁବିଧା ଥିଲେ, ତାହାର ସମାଧାନ କରାଯିବ । କଟନୀ ଛଟନୀର ଖବର ମିଳିନାହିଁ । ଯେଉଁଠି ଏଭଳି ଖବର ଆସିଛି, ଆମେ ତୁରନ୍ତ ଆକ୍ସନ ନେଇ ମିଲ ସିଲ କରିଛୁ, ନୋଟିସ ଜାରି କରିଛୁ, ଅଧିକାରୀ ମାନଙ୍କୁ ମଧ୍ୟ ନିଲମ୍ବନ କରାଯାଇଛି । କୃଷକମାନେ ଯେଭଳି ଠିକ ଭାବରେ ପାଉଣା ପାଇବେ, ସରକାର ଗୁରୁତ୍ୱ ଦେଉଛନ୍ତି । ଖରିଫ ଧାନ କିଣାରେ ଚାଷୀମାନେ ବୋନସ/ସବସିଡି ପାଇଥିବା ବେଳେ ରବି ଧାନ କିଣାରେ ମଧ୍ୟ ନିଶ୍ଚିତ ରୂପେ ପାଇବେ ବୋଲି ମନ୍ତ୍ରୀ କହିଛନ୍ତି । ମନ୍ତ୍ରୀ ଆହୁରି କହିଛନ୍ତି ଯେ, ମାର୍ଚ୍ଚ ୩୧ ତାରିଖ ରାସନ କାର୍ଡ ଇ-କେୱାଇସିର ଶେଷ ତାରିଖ ଧାର୍ଯ୍ୟ କରାଯାଇଥିବା ବେଳେ ସମ୍ବଲପୁର ଜିଲାରେ ଏହା ୯୨ ପ୍ରତିଶତ ଶେଷ ହୋଇଯାଇଛି । ଧାର୍ଯ୍ୟ ତାରିଖ ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ ହୋଇଯିବ । ୨୪ ବର୍ଷ କାଳ ସରକାର ଥିବା ସମୟରେ ହିଁ ଭୁତ ରାସନ କାର୍ଡ ଗୁଡିକ ହୋଇଛି ଏବଂ ବର୍ତ୍ତମାନ ସେଗୁଡିକୁ ଇ- କେୱାସି ଜରିଆରେ ପୁନଃ ସଂଶୋଧନ କରି ଛାଣି ଦିଆଯାଉଛି । ପ୍ରାୟ ୪ ଲକ୍ଷ ମୃତ ବ୍ୟକ୍ତିଙ୍କ ରାସନ କାର୍ଡ କଟା ଗଲାଣି । ମୁଁ ଅନୁରୋଧ କରିଥିବାରୁ କିଛି ଚାକିରିଆମାନେ ସେମାନଙ୍କ ରାସନ କାର୍ଡ ଫେରାଇଛନ୍ତି ।

# ଜଙ୍ଗଲ ନିଆଁ ନିରାକରଣ ସଚେତନତା




**ମୁନିଗୁଡ଼ା,(ନି.ପ୍ର) :** ରାୟଗଡ ବନଖଣ୍ଡ ମୁନିଗୁଡ଼ା ରେଞ୍ଜ ଅମ୍ବାଦଳା ସେକ୍ସନ ପକ୍ଷରୁ ବନଅଧିକାରୀଙ୍କ କାର୍ଯ୍ୟାଳୟ ସଭା ଗୃହ ଠାରେ ବନାଗ୍ନୀ ନିବାରଣ ଓ ଲଘୁ କରଣ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଅମ୍ବାଦଳା ବନପାଳ ଅଧିକାରୀ ମାଝୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମୁନିଗୁଡ଼ା ରେଞ୍ଜର ଅନିଲ କୁମାର ବାଲା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅମ୍ବାଦଳା ଥାନା ଏସାଇ ବିନୋଦ କୁମାର ବିଶ୍ୱାଳ, ଅମ୍ବାଦଳା ସରପଞ୍ଚ ଚଞ୍ଚଳା ମାଝୀ, ଅମ୍ଲଭଟା ସରପଞ୍ଚ ଗୁରୁବାରି ଭୋଇ, ଘମଟଗୁଡ଼ା ପଞ୍ଚାୟତ ସରପଞ୍ଚ ଅନନ୍ତ ନୁଣ୍ଡରୁକା, ଶିବପଦର ପଞ୍ଚାୟତ ସରପଞ୍ଚ ପ୍ରକାଶ କର୍ଶକା, ଯୋଗଦେଇ ଥିଲେ । ପ୍ରଥମେ ବନ ବିଭାଗ କାର୍ଯ୍ୟାଳୟ ନିକଟରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲେ । ଏହି ଶୋଭାଯାତ୍ରାରେ ସିଆରପି, ଏମବିକେ , ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ,ଡାଙ୍ଗବାଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସହିତ ଛାତ୍ର ଛାତ୍ରୀ ମାନେ ଯୋଗଦେଇ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ସଚେତନତା ବାର୍ତ୍ତା ଦେଇଥିଲେ । ପରେ କାର୍ଯ୍ୟାଳୟ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ବନ ସୁରକ୍ଷା ସହ ଜଙ୍ଗଲକୁ ନିଆ ଦାଉରୁ ରକ୍ଷା କରିବା ପାଇଁ ଅତିଥି ଏବଂ ବିଭାଗର ଅଧିକାରୀ ମାନେ ସଚେତନତା ବାର୍ତ୍ତା ଦେଇଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅମ୍ବାଦଳା ବନବିଭାଗ କର୍ମଚାରୀ ଫରେଷ୍ଟ ଗାର୍ଡ ଶର୍ମିଷ୍ଠା ବଡଜେନା, ବିଦ୍ୟାଧର ପାଣ୍ଡେ, ମୁନିଗୁଡା ଫରେଷ୍ଟ ଗାର୍ଡ ନମିତା ବିଡିକା,ପାର୍ଟନର ଏନଜିଓ ବିଘ୍ନରାଜ ମିଶ୍ର ଓ ରମାକାନ୍ତ ଦାସ, ନିକଟତମ ଗ୍ରାମର ଭିଏସଏସ ସଭାପତି, ଏଲିଫ୍ୟାଣ୍ଟ ସ୍କ୍ୱାର୍ଡ ପିତାମ୍ବର ଗୌଡ, ସାନବୁଡ଼ା ନାୟକ, ଗୌର ପାତ୍ର, ବଳରାମ ବଟା, ପଦ୍ମନାଭ ପ୍ରଧାନିଙ୍କ ସମେତ ୨୦ ଜଣ ଗଜସାଥୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଭୋଟ ନ ଦେବାରୁ ପାଣିଟ୍ୟାପ ଭାଙ୍ଗିଦେଲା ସରପଞ୍ଚ, ଥାନାରେ ଅଭିଯୋଗ

**ଆଠମଲ୍ଲିକ,(ନି.ପ୍ର) :** ରାଜ୍ୟ ସରକାର ନିର୍ବାଚିତ ପ୍ରତିନିଧି. ମାନଙ୍କ ଦ୍ୱାରା ଲୋକ ମାନଙ୍କୁ ସରକାରଙ୍କ ବିଭିନ୍ନ ପ୍ରକାରର ସୁବିଧା ସୁଯୋଗ ଯୋଗାଇ ଦେବା ପରିବର୍ତ୍ତେ ନିର୍ବାଚନ ବେଳର ଭୋଟ ଦେବା ନଦେବା କଥାକୁ ନେଇ ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ପେଡ଼ିପଥର ପଂଚାୟତ ର ସରପଞ୍ଚ ଭାରତ ଚନ୍ଦ୍ର ସାହୁ ନିର୍ବାଚନୀ ରାଗ ରଖୁ ପେଡ଼ିପଥର ପାଣ ସାହିରୁ ବସୁଧା ଯୋଜନା ରେ ପାଣି ପାଉଥିବା ଟ୍ୟାପ କୁ ଶାବଳ ଧରି ଭାଙ୍ଗି ଥିବା ଦେଖିବାକୁ ମିଳିଛି । ସୂଚନା ନେବାରେ ଜଣାଯାଏ କି ଗତ ବିଧାନସଭା ନିର୍ବାଚନ ରେ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ର ବିଜେପି ଦଳର ବିଧାୟକ ପ୍ରାର୍ଥୀ ହାରିଯିବା ଫଳରେ ସ୍ଥାନୀୟ ସରପଞ୍ଚ ଭରତ ଚନ୍ଦ୍ର ସାହୁ ରାଗ ରଖି ଗତ ତା ୨୬/୨/୨୫ ରିଖ ବୁଧବାର ଦିନ ସକାଳ ୮ ଘଂଟିକା ସମୟରେ ପେଡ଼ିପଥର ଗ୍ରାମର ପାଣ ସାହି କୁ ଆସି ଲୁହାପାଇପ ରେ ଓଲଡିଂ ହୋଇଥିବା ପାଣି ଟ୍ୟାପ ଗୁଡିକୁ ଶାବଳ ସାହାଯ୍ୟରେ ଭାଙ୍ଗୁଥିବା ବେଳେ ପାଣ ସାହିର ମହିଳା ମାନେ ପ୍ରତିବାଦ କରିଥିଲେ । ମହିଳା ମାନଙ୍କ ପ୍ରତିବାଦ କୁ ଖାତିରି ନକରି ସରପଞ୍ଚ ଭରତ ଚନ୍ଦ୍ର ସାହୁ କହିଲେ ତୁମେ ଭୋଟ ଦେଇନାହିଁ ଏଣୁକରି ତୁମକୁ ଆଉ ପାଣି ଦିଆଯିବ ନାହିଁ. ଆଜି ଠାରୁ ପାଣି ବନ୍ଦ କରିଦିଆଯିବ କହି ନନା ଅଶ୍ଲୀଳ ଭାଷାରେ ଇଙ୍ଗିତ କରି ଜାତୀୟଣ ଆକ୍ଷେପ କରି ଧମକ ଚମକ ଦେଇ ଅପମାନିତ କରି ଚାଲିଯାଇଛି । ବସୁଧା ଯୋଜନା ରେ ମିଳୁଥିବା ପାଣି ଟ୍ୟାପ କୁ ଭାଙ୍ଗିବା, ଜାତୀୟଣ ଆକ୍ଷେପ ଓ ଅଶ୍ଲୀଳ ଭାଷା କୁ ସହି ନପାରି ନ୍ୟାୟ ପାଇବା ଆଶାରେ ନିର୍ମଳ ବାଘ ସ୍ୱାମୀ ଉତ୍ତମ ବାଘ ଗତ କାଲି ତା ୨୬/୨/୨୫ ରିଖ ବୁଧବାର ଦିନ ୧୧/୧୨ ଘଂଟିକା ସମୟରେ ଠାକୁରଗଡ଼ ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ଦେଖିବାକୁ ମିଳିଛି । ହେଲେ ଅଭିଯୋଗ ର ଦୁଇ ଦିନ ବିତିଯାଇଥିଲେ ମଧ୍ୟ ଥାନା ଅଧିକାରୀ କୋଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ଏକ ପରିତାପର ବିଷୟ ଦେଖାଦେଇଛି ।

# ଜାତୀୟ ବିଜ୍ଞାନ ଦିବସ ପାଳିତ

**ଦଶପଲ୍ଲା,(ନି.ପ୍ର) :** ଆଜି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ନଛିପୁର ଠାରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ଏଥିରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ସଂଜିବନୀ ସାମଲ ସଭାପତିତ୍ୱ କରିଥିଲେ । ବିଦ୍ୟାଳୟ ର ବିଜ୍ଞାନ ଶିକ୍ଷୟିତ୍ରୀ ସ୍ୱୟଂପ୍ରଭା ପ୍ରଧାନ, ସମିନା ମାରାଣ୍ଡି, ପ୍ରିୟଙ୍କା ଖମାରି ଓ ସୁଶ୍ରୀ ସ୍ୱାଗତିକା ପ୍ରିୟଦର୍ଶିନୀ ପିଲାମାନେ ଆଣିଥିବା ବିଭିନ୍ନ




ପ୍ରକାର ବିଷୟ ବସ୍ତୁ ଆଧାରିତ ପ୍ରୋଜେକ୍ଟ କୁ ପ୍ରଦର୍ଶନ କରାଇଥିଲେ । ଏହାକୁ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ସ୍କୁଲ ପରିଚାଳନା କମିଟି ଏବଂ ପଞ୍ଚସଖାଶିକ୍ଷା ସେତୁ ର ସଭ୍ୟା ସଭ୍ୟ ମାନେ ପରିଦର୍ଶନ କରି ଛାତ୍ରୀ ଛାତ୍ର ମାନଙ୍କୁ ପ୍ରଶଂସା କରିଥିଲେ, ଓ ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସାମଲ ସାର୍ ସି.ଭି. ରମଣ ଙ୍କ ରମଣ ଇଫେକ୍ଟ ବିଷୟ ରେ ବୁଝାଇ କହିଥିଲେ । ପିଲାମାନେ ବିଜ୍ଞାନ କ୍ଷେତ୍ରରେ କିପରି ଉନ୍ନତି କରିବେ ତାହାରି ଉପରେ ବକ୍ତବ୍ୟ ରଖିଥିଲେ । ସମସ୍ତ ବିଜ୍ଞାନ ଶିକ୍ଷୟିତ୍ରୀ ପିଲାମାନଙ୍କୁ ବିଜ୍ଞାନ ବିଷୟ ରେ ବୁଝାଇ କହିଥିଲେ । ଡ଼କ୍ଟର ଏପିଜେ ଅବଦୁଲ କଲାମ, ସର୍ବପଲ୍ଲୀ ରାଧାକ୍ରିଷ୍ଣ ଙ୍କର କାଷ୍ଠ ପ୍ରତିମୂର୍ତ୍ତି ଶ୍ରୀମତୀ ସାମଲ ଓ ନିଜ ହାତରେ ତିଆରି କରିଥିବା ମୂର୍ତ୍ତିକୁ ଲକ୍ଷ୍ମୀଧର ବେହେରା ପୁଷ୍ପମାଲ୍ୟ ଏବଂ ଉତ୍ତରୀୟ ଦେଇ ଉନ୍ମୋଚନ କରିଥିଲେ । ଏଥିରେ ବିଦ୍ୟାଳର ର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ କର୍ମକର୍ତ୍ତା ସାହାଯ୍ୟ ସହଯୋଗ କରିଥିଲେ । ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ମଞ୍ଚସ୍ଥ ହେଲା କେତେ ଦୁଃଖ ଦେବୁ କହ ଦଇବ



**ଦଶପଲ୍ଲା,(ନି.ପ୍ର) :** ବୁଧବାର ରାଜ୍ୟର ସମସ୍ତ ଶୈବପୀଠରେ ଧୁମଧାମର ସହିତ ପାଳିତ ହେଲା ମହାଶିବରାତ୍ରି ଜାଗର. ଏହି ପରିପ୍ରେକ୍ଷୀରେ ବିଭିନ୍ନ ଶୈବପିଠ ର ମନ୍ଦିର ପରିଚାଳନା କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ. ଏହି ପରିପ୍ରେକ୍ଷୀରେ ଦଶପଲ୍ଲା ପଶ୍ଚିମାଞ୍ଚଳର ଟାକରା ଠାରେ ଥିବା ବାବା ସିଦ୍ଧେଶ୍ୱର ପୀଠରେ ମଧ୍ୟ ୨୬ ଓ ୨୭ ତାରିଖରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା. ୨୬ ତାରିଖରେ ପୌରାଣିକ ଗୀତିନାଟ୍ୟ ଇନ୍ଦ୍ରଜିତ ବଧ ଆୟୋଜନ କରାଯାଇଥିବା ବେଳେ ୨୭ ତାରିଖରେ ସ୍ଥାନୀୟ ଅଞ୍ଚଳର ଅଗ୍ରଣୀ ଯୁବ ଅନୁଷ୍ଠାନ ଦ୍ୱାରା ସାମାଜିକ ନାଟକ କେତେ ଦୁଃଖ ଦବୁ କହ ଦଇବ ପ୍ରସ୍ତୁତ କରାଯାଇଥିଲା. ଏହାର ମଞ୍ଚସ୍ଥ ପ୍ରାରମ୍ଭରୁ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଦୃଢ ସଂଗଠକ ଉପେନ୍ଦ୍ର କୁମାର ସାହୁ, ସୁଦାମ ଚରଣ ନାୟକ ଯୋଗଦେଇ ସ୍ଥାନୀୟ କଳାକାର ମାନଙ୍କୁ ଉତ୍ସାହିତ କରିବା ସହିତ ବାବା ସିଦ୍ଧେଶ୍ୱରଙ୍କୁ ଦର୍ଶନ କରିଥିଲେ. ରାତ୍ରିରେ ଦଶପଲ୍ଲା ଅଂଚଳରୁ ପ୍ରାୟ ହଜାର ହଜାର ଲୋକ ଉପସ୍ଥିତ ହୋଇ ନାଟକକୁ ଉପଭୋଗ କରିବା ସହିତ ପ୍ରଶଂସା ମଧ୍ୟ କରିଥିଲେ. ନାଟକରେ ସ୍ଥାନୀୟ ଯୁବ ଅନୁଷ୍ଠାନର ସଦସ୍ୟ ନିର୍ମଳ ଚନ୍ଦ୍ର ବାରିକ, ପ୍ରିୟବ୍ରତ ଆଚାର୍ଯ୍ୟ ଅଭିନୟ କରୁଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଅବିନାଶ ତ୍ରିପାଠୀ, ସୁମନ୍ତ ଜାନି, ଶ୍ରୀଧର ମୁଦୁଲି, ମାନସ ପରିଡା, ଛବିରାଜ ସାହୁ, ବିଭୁ ରଞ୍ଜନ ମିଶ୍ର, ବିଭୁଦତ ନାୟକ,ବ୍ରଜ କିଶୋର ମହାପାତ୍ର, ଚନ୍ଦୁ, ହୁଣ୍ଡ, ବିଜୁ, ପ୍ରମୋଦ ନାୟକ, ଶିବାନନ୍ଦ ସାହୁ ପ୍ରମୁଖ ଅଭିନୟ କରିଛନ୍ତି. ନାରୀ ଅଭିନେତ୍ରୀ ଭାବରେ କୁନ୍ତୀସାହୁ, ମାଧୁରୀପ୍ରଧାନ, ସବିତା ଗୁଡ଼ିଆ, ସୁଭଦ୍ରା ପାତ୍ର ଅଭିନୟ କରିଥିଲେ.ନାଟକଟିକୁ ୟୁଥ ୟୁନାଇଟେଡ଼ କ୍ଲବର ସଭାପତି ପ୍ରକାଶ ରଞ୍ଜନ ବିଶ୍ୱାଳ ନିର୍ଦ୍ଦେଶନା ଦେଇଥିବା ବେଳେ ରାତିସାରା ହଜାର ହଜାର ଦର୍ଶକ ଉପସ୍ଥିତ ରହି ନାଟକ ଟିକୁ ମନଭରି ଉପଭୋଗ କରିବା ସହିତ ବେଶ ପସନ୍ଦ କରିଥିଲେ.

# ବିଶ୍ୱ ଶାନ୍ତି ରୁଦ୍ର ମହାଯଜ୍ଞ ଉଦ୍‌ଘାଟିତ

**ଟାଙ୍ଗୀ,ଖୋର୍ଦ୍ଧା,(ନି.ପ୍ର) :** ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ କୁଞ୍ଜୁରୀ ଗ୍ରାମ ପଂଚାୟତ ଅଧିନସ୍ଥ ବେଲପଦା ସ୍ଥିତ ଶ୍ରୀ ବେଲେଶ୍ୱର ଦେବଙ୍କ ପୀଠରେ ୩ ଦିନ ଧରି ଅନୁଷ୍ଠିତ ହୋଇ ଆସୁଥିବା ବିଶ୍ୱ ଶାନ୍ତି ରୁଦ୍ର ମହାଯଜ୍ଞ ଗତ କାଲି ସନ୍ଧ୍ୟାରେ ଉଦଯାପିତ ହୋଇ ଯାଇଅଛି । ଏହି ଅବସରରେ ଶ୍ରୀ ବେଲେଶ୍ୱର ଦେବଙ୍କ ପୀଠରେ ଶ୍ରୀ ରାମାୟଣ କଥାମୃତ ନାଟକ ଅନୁଷ୍ଠିତ ହୋଇଥିଲା.. ଗାଁ ର କଳାକାର ମାନେ ଏହି ନାଟକରେ ନିଖୁଣ ଅଭିନୟ କରି ଦର୍ଶକଙ୍କ ବେଶ ମନୋ ରଂଜନ କରିଥିଲେ... ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଜ ସ୍ୱେୀ ଡା ସଂଜୟ କୁମାର ପଟନାୟକ.. ଯୋଗଦେଇ ପ୍ରଭୁକୃପା ଲାଭ କରିଥିଲେ.... ବେଲପଡା ଗ୍ରାମରେ ସମାଜ ସ୍ୱେୀ ଶ୍ରୀ ପଟନାୟକ ପହଁଚିବାରେ ଗ୍ରାମବାସୀ ମାନେ ଫୁଲ ଚନ୍ଦନ ଦେଇ ଶୋଭାଯାତ୍ରା ରେ ପ୍ରଭୁଙ୍କ ପୀଠକୁ ପାଛୋଟି ନେଇଥିଲେ... ଏହା ସହ ବହୁ ପୁରାତନ କୀର୍ତ୍ତିରାଜି୍ୱହନ କରୁଥିବା ଶ୍ରୀ ବେଲେଶ୍ୱର ଦେବଙ୍କ ଭଗ୍ନ ମନ୍ଦିରର ପୁନଃ ରୁଦ୍ଧାର କରିବା ପାଇଁ ଏକ ସମସ୍ତ ସାହାର୍ଯ୍ୟ ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶୃତି ଦେଇଥିଲେ ଡା ସଂଜୟ କୁମାର ପଟନାୟକ... ଏହି କାର୍ଯ୍ୟକ୍ରମରେ ବେଲପଦା ଗ୍ରାମବାସୀ ଙ୍କ ବସନ୍ତ ପରିଡା... ମହେଶ୍ୱର ବେହେରା.. ବୀରେନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ....



# ସରସ୍ୱତୀ ଶିଶୁ ମନ୍ଦିରରେ ବିଜ୍ଞାନ ଦିବସ



**ନନ୍ଦପୁର,(ନି.ପ୍ର) :** ଆଜି ନନ୍ଦପୁର ସରସ୍ୱତୀ ଶିଶୁ ମନ୍ଦିରରେ ବଡ଼ ସମାରୋହରେ 'ବିଜ୍ଞାନ ଦିବସ' ପାଳିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟା କଳ୍ପନା ଦେବୀ ଓ ନୀଳାମ୍ବର ଗୁରୁଜୀ ଦୀପ ପ୍ରଜ୍ୱଳନ କରି ଶୁଭ ମନସିଥିଲେ । ଗୁରୁଜୀ ଗରୁମା ମାନେ ଛାତ୍ର ଛାତ୍ରୀ ମାନଙ୍କୁ ଉଦବୋଧନ ମାଧ୍ୟମରେ ବିଜ୍ଞାନ ଦିବସ ଉପରେ ବିସ୍ତୃତ ଜ୍ଞାନ ଦେଇଥିଲେ । କୁନି କୁନି ଛାତ୍ର ଛାତ୍ରୀ ମାନେ ଡା. ସି. ଭି. ରମଣ, ପଠାଣି ସାମନ୍ତ, ଜଗଦୀଶ ଚନ୍ଦ୍ର ବସୁ ପ୍ରଭୃତିଙ୍କ ବିଜ୍ଞାନ ପ୍ରତି ଅବଦାନ ବିଷୟରେ ବକ୍ତୃତା ମାଧ୍ୟମରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । କୁଇଜ୍, ପ୍ରକଳ୍ପ, ନାଟକ ପ୍ରଭୃତି ବିଭିନ୍ନ କାର୍ଯ୍ୟକ୍ରମ ଉକ୍ତ ସମାରୋହରେ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା । ପରିଶେଷରେ ମିଷ୍ଟାନ୍ନ ବଣ୍ଟନ ସହ କାର୍ଯ୍ୟକ୍ରମର ପରିସମାପ୍ତି ଘଟିଥିଲା ।

# ଲୁହରେ ଭିଜିଲା ଶିକ୍ଷୟତ୍ରୀଙ୍କ ବିଦାୟକାଳୀନ ସଭା



**ନୂଆଗାଁ,(ନି.ପ୍ର) :** ବ୍ଲକ କୋରଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟତ୍ରୀ କବିତା ମଞ୍ଜରୀ ବାହିନୀପତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ସେ ଜଣେ ଏକାଧାରରେ ଛାତ୍ରବତ୍ସଳ, ପରୋପକାରୀ, ମେଳାପୀ ଓ ଆଦର୍ଶ ଶିକ୍ଷୟତ୍ରୀ ଭାବରେ ନୂଆଗାଁ ଅଞ୍ଚଳରେ ବେଶ୍ ଜଣାଶୁଣା ଥିଲେ । ସେ ୧୯୯୫ ମସିହା ଏପ୍ରିଲ ୮ ତାରିଖରେ ଲୁଣିସରା ୟୁଜିଏମଇ ବିଦ୍ୟାଳୟରେ ଶିକ୍ଷକତା ଆରମ୍ଭ କରିଥିବା ବେଳେ ଆଜି କୋରଡା ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ଅବସର ନେଇଥିଲେ । ଆଜି ଅବସରକାଳୀନ ସଭାରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ନିଜ ନିଜର ଅନୁଭୂତି ଉପସ୍ଥାପନ କରିବା ସହ ଶିକ୍ଷୟତ୍ରୀଙ୍କୁ ବିଦ୍ୟାଳୟରୁ ବିଦାୟ ଦେବା ଦୁଃଖରେ ସମସ୍ତଙ୍କର ଆଖି ଲୁହରେ ଭିଜି ଯାଇଥିବା ଦେଖିବାକୁ ମିଳିଥିଲା । ଶ୍ରୀମତି ବାହିନୀପତିଙ୍କୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ, ପୁରାତନ ଓ ବର୍ତ୍ତମାନର ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ବୁଦ୍ଧିଜିବୀଙ୍କ ତରଫରୁ ମାନପତ୍ର ଓ ଉତୋରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା । ପରିଶେଷରେ ଶିକ୍ଷୟତ୍ରୀଙ୍କୁ କୋରଡା ଗ୍ରାମ ପରିକ୍ରମା କରାଯାଇଥିଲା । ଏହି ଉତ୍ସବରେ ନୂଆଗାଁ ବ୍ଲକ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କବିତା ଦାସ, କୋରଡା ସରପଂଚ ନିରୂପମା ପାତ୍ର, ସିଆରସିସି ଶ୍ରୀନିବାସ ରଥ, ଅବସରପ୍ରାପ୍ତ ଶିକ୍ଷକ ମୂରଲୀଧର ନାୟକ, ପତିତପାବନ ସାହୁ, ଧୀରେନ୍ଦ୍ର ସାହୁ, ତ୍ରିନାଥ ପ୍ରଧାନ, ପୂର୍ବତନ ସରପଂଚ ଗୋଲଖବିହାରୀ ଗୋଛାୟତ, ଭଜମନ ପରିଡା, ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ଯାନୀ, ଲିଖିତା ନାୟକଙ୍କ ସମେତ ଅନେକ ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇଥିଲେ ।

# ପାଟଣା ପଞ୍ଚାୟତ ସମିତିର ସପ୍ତମ ସାଧାରଣ ବୈଠକ




**ପାଟଣା,(ନି.ପ୍ର) :** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁଖ୍ୟାଳୟ ସଭାଗୃହରେ ସପ୍ତମ ସାଧାରଣ ବୈଠକ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକ ପାଟଣା ଗୋଷ୍ଠି ଉନ୍ନୟନ ଅଧିକାରୀ ମାନସ କୁମାର ଦଣ୍ଡପାଟ ଙ୍କ ସଂଯୋଜନାରେ ପାଟଣା ବ୍ଲକ ଅଧକ୍ଷା ବୀଣାପାଣି ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ,ବ୍ଲକ ଅଧକ୍ଷା ବୀଣାପାଣି ନାଏକ,ପାଟଣା ବ୍ଲକ ସାଂସଦ ପ୍ରତିନିଧି ପ୍ରହଲ୍ଲାଦ ପଲେଇ,ବିଧାୟକଙ୍କ ପ୍ରତିନିଧି କମଳାକାନ୍ତ ଦାଶ,୨୩ ନଂ ଜିଲ୍ଲା ପରିଷଦ ସଦସ୍ୟା ରୁନୁ ମହାନ୍ତ,୨୧ ନଂ ଜିଲ୍ଲା ପରିଷଦ ସଦସ୍ୟ ପ୍ରଫୁଲ ନାଏକ, ୨୨ ନଂ ଜିଲ୍ଲା ପରିଷଦ ସଦସ୍ୟା ସୌଭାଗ୍ୟ ମଞ୍ଜରୀ ନାଏକ ଙ୍କ ସମେତ ୨୦ ଗୋଟି ପଞ୍ଚାୟତ ର ସରପଞ୍ଚ ସମିତି ସଭ୍ୟ,ପାଟଣା ବନାଞ୍ଚଳ ଅଧିକାରୀ ବନବିହାରି ସର୍ଦ୍ଧାର, ସହକାରୀ ଯନ୍ତ୍ରୀ ସିଦ୍ଧମାଝୀ, ଜିପିଓ ରଶ୍ମିରେଖା ମହାନ୍ତି,କୃଷି ବିଭାଗ କର୍ମଚାରୀ,ପାଟଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଡଃ .ଶୁଭେନ୍ଦୁ ସାଗର ନାଏକ, ଆର, ଡି ବିଭାଗ କର୍ମଚାରୀ ,ଶିକ୍ଷା ବିଭଗ ଅଧିକାରୀ ଏବଂ ଅନ୍ୟାନ୍ୟ କର୍ମଚାରୀ ମାନେ ଯୋଗ ଦେଇଥିବା ବେଳେ ପୂର୍ତ୍ତ ବିଭାଗ କର୍ମଚାରୀ ଏବଂ ତହସିଲଦାର ସଭାରେ ଉପସ୍ଥିତ ନ ଥିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା ।ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସ୍କୁଲ ,ଏବଂ ଅଙ୍ଗନବାଡି ନିକଟରେ ଥିବା ବିଦ୍ୟୁତ ବିଭାଗର ଟ୍ରାନଫର୍ମର ଗୁଡିକ ଖୋଲା ମେଳାରେ ଥିବାରୁ ଧନଜୀବନ ହାନି ହେବାର ସମ୍ଭାବନା ରହିଛି ।ଏମିତି ବିଭିନ୍ନ ପ୍ରକାର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା ।

# ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା



**ଭାପୁର,(ନି.ପ୍ର) :** ଭାପୁର ବ୍ଲକ ବଡସହରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ନାୟକଙ୍କୁ ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିଥିବାରୁ ବିଦ୍ୟାଳୟ ତରଫରୁ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୋନାଲିସା ରଥ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ଆଚାର୍ଯ୍ୟ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗୋବିନ୍ଦ ସାହୁ, ମୋ ସ୍କୁଲ ର ସଭାପତି ସାରଙ୍ଗଧର ପ୍ରଧାନ, ଦଣ୍ଡପାଣି ନାୟକ, କ୍ଲଷ୍ଟର ସ୍ତରୀୟ ଶିକ୍ଷା ସଂଯୋଜକ ଦୀପକ କୁମାର ନାୟକ, ଶିକ୍ଷକ ସଙ୍ଘର ରାଜ୍ୟ ସମ୍ପାଦକ ବିଭୁପ୍ରସାଦ ସାହୁ ଓ ବ୍ଲକ ସଂପାଦକ ସୁରେଶ ମହାରଣା ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ମଲ୍ଲିକ ସଭାରେ ସଭାପତିତ୍ୱ କରିଥିବା ବେଳେ ଶିକ୍ଷକ ସନ୍ତୋଷ ବିଶ୍ୱାଳ ସଂଯୋଜନା କରିଥିଲେ । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ନାୟକଙ୍କୁ ମଞ୍ଚାସିନ ଅତିଥି ଉତ୍ତରୀୟ, ପୁଷ୍ପ ଗୁଚ୍ଛ ଦେଇ ମଞ୍ଚ କୁ ସ୍ୱାଗତ କରିଥିବା ବେଳେ ସଭା ଶେଷରେ ବିଦ୍ୟାଳୟର ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ମାନେ ବିଦାୟ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଶ୍ରୀ ନାୟକ ଜଣେ ଛାତ୍ର ଛାତ୍ରୀ ବତ୍ସଳ, ମେଳାପି, ସମୟାନୁବର୍ତ୍ତି ଓ ଭଲ ଶିକ୍ଷକ ଭାବେ ଭାପୁର ବ୍ଲକ ଅଞ୍ଚଳରେ ବେଶ୍ ଜଣାଶୁଣା ଥିଲେ । ତାଙ୍କର ବିଦାୟ କାଳୀନ ସମ୍ବର୍ଦ୍ଧନାରେ ଛାତ୍ର ଛାତ୍ରୀ ମାନେ ଭାବ ବିହ୍ୱଳ ହୋଇ କାନ୍ଦି ପକାଇଥିଲେ ।

## କଣ ସେ ବ୍ୟବସ୍ଥା

# ଋଣ କୁ ନେଇ ମହିଳା ମଣ୍ଡଳରେ ତୁମୁଳ କାଣ୍ଡ

- ୧୧୨କୁ ବି ଛାଡିଲେନି
- ଦୀର୍ଘ ସମୟ ଅଟକ ରଖିଲେ ସଂଖ୍ୟାଧିକ ମହିଳା

**କେନ୍ଦ୍ରାପଡ଼ା,(ନି.ପ୍ର) :** କେନ୍ଦ୍ରାପଡ଼ା ବ୍ଲକ୍ ଅଧିନସ୍ଥ ତରାପୁର ଗ୍ରାମରେ ଥିବା ତାରାଦେଇ ମହିଳା ମଣ୍ଡଳରେ ଘଟିଛି ଏମିତି ଏକ ଘଟଣା । ସୂଚନା ମୁତାବକ ତରାଦେଇ ମହିଳା ମଣ୍ଡଳରେ ଥିବା ସଭାପତି ରୋମାଲିନ ମଲ୍ଲିକ ୨୦୨୨ ମସିହାରେ ସମସ୍ତ ସଭ୍ୟାଙ୍କ ଅନୁମତି ନେଇ ତରାପୁର ସ୍ଥିତ କାନାରା ବ୍ୟାଙ୍କ୍ ରୁ ୨ ଲକ୍ଷ ଟଙ୍କା ଋଣ ନେଇଥିଲେ । ନିଜର ଆବଶ୍ୟକତା ଦର୍ଶାଇ ସମ୍ପୂର୍ଣ୍ଣ ଋଣ ରୁ ନିଜେ ୭୦ ହଜାର ଟଙ୍କା ନେଇଥିଲେ । ଏବଂ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସୁଧ ସହ ସମସ୍ତ ରାଶି ତାରାଦେଇ ମହିଳା ମଣ୍ଡଳକୁ ପରିଶୋଧ କରିବେ ବୋଲି କହିଥିଲେ । କିନ୍ତୁ କୌଣସି କାରଣରୁ ତାଙ୍କ ଶାଶୁ ଘରେ ସେ ନରହି ନିଜ କଳପଡ଼ା ସ୍ଥିତ ବାପ ଘରକୁ ଚାଲିଗଲେ ଏବଂ ନେଇଥିବା ଋଣ ନସୁଝି ସମୟ ଗଡାଇବା ସହିତ ଆଉ ଧରା ଛୁଆଁ ଦେଇନଥିଲେ । ପରେ ବ୍ୟାଙ୍କ୍ ତରଫରୁ ଋଣ ଶୁଝିବା ପାଇଁ ତାରାଦେଇ ମହିଳା ମଣ୍ଡଳକୁ ନୋଟିସ କରିବା ସହ ବ୍ୟାଙ୍କ୍ ତାରାଦେଇ ମହିଳା ମଣ୍ଡଳ ର ଆକାଉଣ୍ଟ କୁ ନିଷ୍କ୍ରିୟ କରିଦେଇଥିଲେ । ପରେ ତାରାଦେଇ ମହିଳା ମଣ୍ଡଳର ଉଷା ମଲ୍ଲିକ,ବର୍ଷା ମଲ୍ଲିକ,ଗୀତାଞ୍ଜଳି ମଲ୍ଲିକ,ଶୁଆ ମଲ୍ଲିକ,କୁସୁମ ମଲ୍ଲିକ ଏବଂ ସୁମିତ୍ରା ଦାସ ଧରା ଛୁଆଁ ଦେଉନଥିବା ରୋମଲିନ୍ ମଲ୍ଲିକ ଙ୍କୁ ରାସ୍ତାରେ ଯାଉଥିବାର ଦେଖି ଅଟକାଇବା ସହ ତାଙ୍କୁ ନେଇ ତରାପୁର କାନାରା ବ୍ୟାଙ୍କ୍ କୁ ନେଇ ଆସିଥିଲେ । ରୋମଲିନ୍ କୁ ଉଦ୍ଧାର କରିବା ପାଇଁ ପୋଲିସ ସହାୟତା ୧୧୨ ଗାଡ଼ି ଆସି ଘଟଣା ସ୍ଥଳରେ ପହଞ୍ଚିଥିଲେ ମଧ୍ୟ ଉତ୍ୟକ୍ତ ସଂଖ୍ୟାଧିକ ମହିଳା ୧୧୨ କୁ ମଧ୍ୟ ଛାଡ଼ିନଥିଲେ । ଘଣ୍ଟା ଘଣ୍ଟା ଧରି ୧୧୨ ଅଟକ ରହିବା ପରେ ସଦର ପୋଲିସ କୁ ଜଣାଇଥିଲେ । ପରେ ଘଟଣା ସ୍ଥଳରେ ସଦର ପୋଲିସ ସଦଳବଳେ ପହଞ୍ଚି ୧୧୨ ସମେତ ରୋମଲିନ୍ କୁ ମଧ୍ୟ ଉଦ୍ଧାର କରି ନିଜ ହେଫାଜତ କୁ ନେଇଥିଲେ । ରୋମଲିନ୍ ୧ ମାର୍ଚ୍ଚ ୨୦୨୫ ସୁଦ୍ଧା ନେଇଥିବା ଋଣ ରୁ ୧୦ ହଜାର ଟଙ୍କା କାନାରା ବ୍ୟାଙ୍କ୍ ରେ ଜମା କରିବେ ଏବଂ ମାର୍ଚ୍ଚ ଶେଷ ସୁଦ୍ଧା ବାକି ଥିବା ସମସ୍ତ ରାଶି ପୈଠ କରିବେ ବୋଲି ଲେଖିଦେଇଥିବାରୁ ସଦର ପୋଲିସ ରୋମଲିନ୍ କୁ ଛାଡି ଦେଇଥିବା ସଦର ଥାନା ରୁ ସୂଚନା ମିଳିଛି ।

# ରାସାୟନିକ ବିପର୍ଯ୍ୟୟ ପ୍ରଶମନ ନେଇ ମକ ଏକ୍ସରସାଇଜ ଅନୁଷ୍ଠିତ



**ବଲାଙ୍ଗିର,(ନି.ପ୍ର) :** ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଓସଡ଼ମା ଏବଂ ଏନଡିମଏ ସହାୟତାରେ ବଲାଙ୍ଗିର ଜିଲ୍ଲାର ବିପିସିଏଲ ପ୍ଲାଣ୍ଟରେ ମକ ଏକ୍ସରସାଇଜ ଅନୁଷ୍ଠିତ ହୋଇଛି । ଆସିଷ୍ଟାଣ୍ଟ କଲେକ୍ଟର (ଜରୁରୀକାଳିନ) ସସ୍ମୀତା ପ୍ରଧାନ, ସ୍ୱାଧୀନ କୁମାର ବେହେରା, ବବିତା ସିଂଙ୍କ, ବିଡିଓ ହୃଷୀକେଶ ଗଣ୍ଡଙ୍କ ପ୍ରତେକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସୁଚାରୁରୂପେ କରାଯାଇଥିଲା । ଶିଳ୍ପଗୁଡିକରେ ମକ ଏକ୍ସରସାଇଜ କରିବା ନିମନ୍ତେ ସ୍ଥାନୀୟ ପୋଲିସ, ଅଗ୍ନିସମ ବିଭାଗ, ଓଡ୍ରାଫ, ଏନଡ଼ିଆରଏଫ, ମେଡ଼ିକାଲ, ଜିଲ୍ଲା ଶିଳ୍ପ କେନ୍ଦ୍ର ଇତ୍ୟାଦି ଅଧିକାରୀମାନଙ୍କୁ ନିୟୋଜିତ କରାଯାଇଥିଲା । ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଆପଦ ମିତ୍ର, ସ୍ଥାନୀୟ ଅଧିବାସୀ, ଆଶା, ଅଙ୍ଗନବାଡି କର୍ମୀ ବହୁଳ ସଂଖ୍ୟାରେ ଯୋଗଦାନ ଦେଇ ଏହାକୁ ସଫଳ କରିଥିଲେ । ଶେଷରେ ରାସାୟନିକ ବିପର୍ଯ୍ୟୟକୁ ଓସଡ଼ମା ଏବଂ ଏନଡିମଏ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ମକ ଏକ୍ସରସାଇଜର ସମୀକ୍ଷା କରାଯାଇ ଏହା କିପରି ଆଗାମୀ ଦିନରେ ଅଧିକରୁ ଅଧିକ ଶିଳ୍ପରେ କରାଯାଇ ସଚେତନତା ସୃଷ୍ଟି କରାଯାଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା ।

### ପୁଣି ୩୫୦ ପରିବାର ଜଳବନ୍ଦୀ ଆଶଙ୍କା

# ୩ ବର୍ଷ ହେଲା ମନ୍ଥର ଗତିରେ ଚାଲିଛି ନିମ୍ନମାନର ବ୍ରିଜ କାମ

## ଶୁଣୁନାହାନ୍ତି ରାଜନେତା କି ତଦାରଖ ପାଇଁ ଆସୁନାହାନ୍ତି ଯନ୍ତ୍ରୀ



**ଲାଞ୍ଜିଗଡ଼,(ନି.ପ୍ର) :** ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଜନସାଧାରଣଙ୍କ ଉନ୍ନତି ପାଇଁ ସରକାର ଅନେକ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ହେଲେ ଠିକାଦାର ଓ ବିଭାଗୀୟ ଅବହେଳା ଯୋଗୁଁ ଅନେକ ଯୋଜନାର ସୁଫଳ ହୋଇ ପାରୁନାହିଁ। ଏହିଭଳି ଏକ ଅଭିଯୋଗ ଆସିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ବିଜେପୁର ପଞ୍ଚାୟତ ସାହାଜପଡା ଗାଁ ନିକଟରେ ଥିବା କଲ୍ୟାଣି ନଦୀ ବ୍ରିଜ ନିର୍ମାଣରେ ।କଳାହାଣ୍ଡିର ଜଣେ ଠିକାଦାର ଏହାର ଠିକା ନେଉଥିବା ବେଳେ ୨୦୨୩ ମସିହାରେ ମେ ମାସରେ କାମ ଆରମ୍ଭ କରି ଆଜିକୁ ୩ ବର୍ଷ ହେଲା ମନ୍ଥର ଗତିରେ ନିମ୍ନ ମାନର ବ୍ରିଜ କାମ ଚାଲିଥିବା ଅଭିଯୋଗ ହୋଇଛି ।ଯାହା ଫଳରେ ପୁଣି ୩୫୦ ପରିବାର ଜଳବନ୍ଦୀ ଆଶଙ୍କା ରହିଥିବା ବେଳେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ ଶୁଣୁନାହାନ୍ତି ରାଜନେତା କି ତଦାରଖ ପାଇଁ ଆସୁନାହାନ୍ତି ଯନ୍ତ୍ରୀ ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି କ୍ଷ ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ବିଜେପୁର ପ୍ରଧାନୀପଡ଼ା ଛକରୁ ସାହାଜପଡ଼ା ଗ୍ରାମକୁ ସଂଯୋଗ କରୁଥିବା ୪ କିମି ପାଦଚଲା ରାସ୍ତା ମଝିରେ କଲ୍ୟାଣୀ ନଦୀ ରହିଥିବା ବେଳେ ସମ୍ପୂର୍ଣ୍ଣ ଭାବେ ସାହଜପଡ଼ାରୁ ଡ କ ର ି ଗ ୁ ଡ . । , ବଣ୍ଡେଲ,ଗାଡ୍ରାଗୁଡା,ବାରଗୁଡ଼ା ଓ ବାଲିସରା ଗାଁକୁ ମଧ ପାଦଚଲା ରାସ୍ତା ରହିଛି। ଏମାନେ ମଧ ଏହି ନଦୀ ଯୋଗୁ ଜଳବନ୍ଦୀ ମଧ୍ୟରେ ରହିଛନ୍ତି। ଫଳରେ ବର୍ଷା ଦିନେ ନିଜ ପଞ୍ଚାୟତ କାର୍ଯ୍ୟାଳୟ ବିଜେପୁରକୁ ଓ ବ୍ଲକ୍ କାର୍ଯ୍ୟାଳୟ ବିଶ୍ୱନାଥପୁରକୁ ଯିବା ପାଇଁ ଲୋକେ ନାନା ଅସୁବିଧା ଭୋଗୁଥିଲେ। ସ୍ୱାସ୍ଥ୍ୟ ଉପକେନ୍ଦ୍ର, ପଞ୍ଚାୟତ କାର୍ଯ୍ୟାଳୟ ରହିଥିବା ଯୋଗୁ ୬ ମାସ ସମ୍ପୂର୍ଣ୍ଣ ଭାବେ ଜଳବନ୍ଦୀ ଜୀବନ କାଟୁଥିବା ବେଳେ ଆଉ ୬ ମାସ କଲ୍ୟାଣି ନଦୀରେ ପାଣି କମିବା ପରେ ବାଲିବସ୍ତା ଦେଇ ଯାତାୟାତ କରୁଥିବା ଦେଖିବାକୁ ମିଳୁଥିଲା। ପଞ୍ଚାୟତରୁ ପିଡିଏସ୍ ଚାଉଳ ଓ ବାର୍ଦ୍ଧକ୍ୟ ଭତ୍ତା ଆଣିବା, ଗୋରୁ ନଦୀ ପାର ହେବା, ରୋଗୀ, ଗର୍ଭବତୀ ଓ ପ୍ରସୂତିଙ୍କୁ ଡାକ୍ତରଖାନାକୁ ଖଟିଆରେ ବୋହି ନେଉଥିବା ଦୃଶ୍ୟ ବର୍ଷ ବର୍ଷ ଧରି ନିତିଦିନିଆ ହୋଇଯାଇଛି ବୋଲି ଗାଁ ଲୋକେ ପ୍ରକାଶ କରିବା ସହ ସାହାଜପଡ଼ା ଓ ବିଜେପୁର ପ୍ରଧାନୀପଡ଼ା ମଧ୍ୟରେ ଥିବା କଲ୍ୟାଣୀ ନଦୀରେ ପୋଲ ନିର୍ମାଣ କରିବାକୁ ନେଇ କଳାହାଣ୍ଡି ଜିଲ୍ଲାପାଳ, ସାଂସଦ, ବିଧାୟକ, ବିଡିଓ, ସରପଞ୍ଚଙ୍କ ପାଖରେ ବର୍ଷ ବର୍ଷ ଧରି ଏହି ୬ଟି ଗ୍ରାମର ଅଧିବାସୀ ଗତ ୪୦ ବର୍ଷ ହେଲା ଦାବି ଜଣାଇ ଆସୁଥିଲେ ।ଏହା ସହିତ ଏହି ଗ୍ରାମବାସୀମାନେ ବାରମ୍ବାର ଭୋଟ ବର୍ଜନ କରିବା ସହ ରାଜରାସ୍ତାକୁ ଓଲ୍ଲାଇବୁ ବୋଲି ଚେତାବନୀ ଦେଇଥିଲେ।ଏହାକୁ ସରକାର ଗୁରୁତର ସହ ଗ୍ରହଣ କରି ୨୦୨୩ ମସିହାରେ ଏହି ବ୍ରିଜ ନିର୍ମାଣ ପାଇଁ ଟେଣ୍ଡର କରି କଳାହାଣ୍ଡିର ଜଣେ ଠିକାଦାରଙ୍କୁ ବ୍ରିଜ ନିର୍ମାଣ ପାଇଁ ଦାଇତ୍ୱ ଦିଆଯାଇଥିଲା। ଠିକାଦାର ଜଣଙ୍କ ୨୦୨୩ ମେ ମାସରେ କାମ ଆରମ୍ଭ କରିଥିଲେ।କିନ୍ତୁ ଠିକାଦାର ଜଣଙ୍କ ନିଜ କାମ ସ୍ଥାନକୁ ନଆସି ଆଉ ଜଣେ ଠିକାଦାରଙ୍କୁ ଦାଇତ୍ୱ ଦେଇଥିବା ବେଳେ ସେହି ଠିକାଦାର ଜଣକ ଜଣେ ମିସ୍ତ୍ରୀଙ୍କୁ ସମ୍ପୂର୍ଣ୍ଣ ଦାଇତ୍ୱ ଦେଇଛନ୍ତି।ହେଲେ କାମ ସ୍ଥାନକୁ ବିଭାଗୀୟ ଯନ୍ତ୍ରୀ ତଦାରଖ ପାଇଁ ଆସୁନଥିବାରୁ ନିମ୍ନ ମାନର କାମକୁ ନେଇ ଲୋକେ ଅଭିଯୋଗ କରିଥିଲେ।କିନ୍ତୁ ବିଭାଗୀୟ ଅଧିକାରୀ ମାନେ କୌଣସି ପଦକ୍ଷେପ ଗ୍ରହଣ କରୁ ନାହାନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି।ଯାହା ଫଳରେ ନଦୀର ପୋଲ ନିର୍ମାଣ ପାଇଁ ପିଲର କରି କିଛି ଲୁହା ଛଡ଼ ଠିଆ କରି କିଛି ଦିନ କାମ କରି ଆଜିକୁ ୩ ବର୍ଷ ହେଲା କାମଟି ମନ୍ଥର ଗତିରେ ଚାଲିଥିବା ବେଳେ ଏହି ପୋଲ କାମ ଶୀଘ୍ର ଆରମ୍ଭ ନ ହେଲେ ବର୍ଷା ଦିନ ସମ୍ପୂର୍ଣ୍ଣ ଭାବେ ପୋତି ହୋଇ ଯିବ ବୋଲି ଗ୍ରାମବାସୀମାନେ ମତ ପ୍ରକାଶ କରିଛନ୍ତି।ଯାହା ଫଳରେ ପୁଣି ୩୫୦ ପରିବାର ଜଳବନ୍ଦୀର ଆଶଙ୍କା ରହିଛି ବୋଲି ଅଭିଯୋଗ କରିଛନ୍ତି।ଏହାକୁ ନେଇ କଳାହାଣ୍ଡି ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀ ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।

# ଶିବରାତ୍ରିରେ ସ୍ୱପ୍ନାଦେଶ ପରେ ଠାବ ହେଲା ଶିବଲିଙ୍ଗ

### ଦେଖିବା ପାଇଁ ଭକ୍ତଙ୍କ ଭିଡ଼



**ଲାଞ୍ଜିଗଡ଼,(ନି.ପ୍ର) :** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ ନିକଟସ୍ଥ ଟୁରିଗୁଡା ଗାଁ ନିକଟରେ ଥିବା ନଦୀରେ ଗତ କାଲି ବୁଧବାର ଶିବରାତ୍ରି ଦିନ ଏକ ବିରାଟ ଶିବଲିଙ୍ଗର ଆବିର୍ଭାବ ହୋଇଥିବା ଦେଖିବାକୁ ମିଳିଛି ଓ ଏହାପରେ ଦର୍ଶନ କରିବା ପାଇଁ ଭକ୍ତଙ୍କ ଭିଡ଼ ଲାଗି ରହିଛି। ସୂଚନାନୁସାରେ ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରୁ ବେନଗାଁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଗଲା ପରେ କାଣ୍ଡଗୁଡା ଗାଁ ଠାରୁ ଦୁଇ କିମି ଦୂର ଦକ୍ଷିଣରେ ରହିଛି ଟୁରିଗୁଡା ଗାଁ। ଗାଁ ନିକଟରେ ଥିବା ବିଶାଳ ଆକାର ଶିବଲିଙ୍ଗ ସଦୃଶ୍ୟ ଧାନ କୁପା ପାହାଡ଼ର ପାଦ ଦେଶରେ ଥିବା ରାଣୀ ଚୁଆଁ ନଦୀରେ ଗତ କାଲି ବୁଧବାର ଶିବରାତ୍ରି ଦିନ ଏକ ବିରାଟ ଶିବଲିଙ୍ଗର ଆବିର୍ଭାବ ହୋଇଥିବା ଦେଖିବାକୁ ମିଳିଛି ଓଯୁବ ସମାଜସେବୀ ବିନୋଦ ଗୌଡ଼ଙ୍କ କହିବା ଅନୁସାରେ ବୁଧବାର ବଡି ଭୋରରୁ ଏକ ସ୍ୱପ୍ନ ଦେଖିଥିଲେ ଯେ,ନିୟମଗିରି ପାହାଡର ପାଦ ଦେଶରେ ଥିବା ରାହୁଲ ଝିମିରି ଘଞ୍ଚ ଜଙ୍ଗଲରେ ଏକ ବିରାଟକାୟ ଶିବଲିଙ୍ଗ ଭଳି ଦେଖାଯାଉଥିବା ଏକ ପାହାଡ ନିକଟରେ ଥିବା ନଦୀରେ ଏକ ଶିବଲିଙ୍ଗ ଅଛି ଏବଂ ପାହାଡ ଉପରୁ କେହିଜଣେ ଆଦେଶ ଦେଉଛି ଶୀଘ୍ର ପୁଜା କରିବା ପାଇଁ ଓଏହା ପରେ ବିନୋଦ ସକାଳୁ ନିତ୍ୟକର୍ମ ସାରିବା ପରେ ଗ୍ରାମର କିଛି ବ୍ୟକ୍ତିଙ୍କୁ ନେଇ ସେହି ଜାଗାର ସନ୍ଧାନରେ ବାହାରି ଥିଲେ ଓ ସେହି ପାହାଡ ପାଖରେ ପହଞ୍ଚିଲା ପରେ ପାହାଡ ନିକଟବର୍ତ୍ତୀ ଅଞ୍ଚଳରେ ତଦନ୍ତ କରିଥିଲେ। କିଛି ସମୟ ଖୋଜାଖୋଜି କରିବା ପରେ ନିକଟରେ ଥିବା ରାଣୀ ଚୁଆଁ ନଦୀକୂଳରେ ତାଳପତ୍ର ଢାଙ୍କି ହୋଇ ଏକ ବିରାଟ ଶିବଲିଙ୍ଗ ସଦୃଶ୍ୟ ଆକୃତିର ପଥର ଥିବା ଠାବ କରିଥିଲେ।ଏହି ଖବର ଧୀରେଧୀରେ ଅଞ୍ଚଳରେ ଚହଳ ସୃଷ୍ଟି କରିବା ପରେ ବର୍ତ୍ତମାନ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଛି ।

# ପଦ୍ମଲୋଚନ ଉଚ୍ଚବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ

**ବେତନଟୀ,(ନି.ପ୍ର) :** ବେତନଟୀ ବ୍ଲକ ଅଧିନ ଆଗ୍ରିଆ ପଞ୍ଚାୟତର ବଡ ଛୁରୁଣୀ ସ୍ଥିତ ପଦ୍ମଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟତ୍ରୀ ତପସ୍ୱିନୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏମପିସି ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ନିରୋଜ କୁମାର ମହାନ୍ତ ଯୋଗଦାନ କରି ବକ୍ତବ୍ୟ ରଖିଥିଲେ । ବିଶେଷ ଭାବେ ସି ଭି ରମଣ ଙ୍କ ଉପରେ ଆଲୋଚନା କରି ପ୍ରତିଫଳନ ଓ ପ୍ରତିଶରଣ ସଂପର୍କରେ ବିଶେଷ ଆଲୋଚନା କରିଥିଲେ । ବିଜ୍ଞାନ ଆମ ପାଇଁ ଯେତିକି ଉପଯୋଗୀ ସେତିକି ଧ୍ୱଂସାଭିମୁଖୀ ବୋଲି ଆଲୋଚନା କରିଥିଲେ। ବିଜ୍ଞାନ ସଦୁପଯୋଗ କରି ଏହାକୁ ବରଦାନ ସ୍ୱରୂପ କାମରେ ଲଗାଇବାକୁ ଛାତ୍ର ଛାତ୍ରୀ ଙ୍କୁ ଉପଦେଶ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ବିଜ୍ଞାନ ଶିକ୍ଷକ ତାପସ ରଂଜନ ଗୋଛାୟତ ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷୟତ୍ରୀ ସତରୂପା ପଟେଲ ଭାଗ୍ୟଶ୍ରୀ ହୋତା ମଲ୍ଲିକା କିସ୍କୁ ପୁଷ୍ପିତା ବିଶ୍ୱାଳ ମୌସୁମୀ ରାଉତ ରଂଜନ ଜେନା ପ୍ରଦ୍ୟୁମ୍ନ କୁମାର ସାହୁ ଜ୍ୟୋତି ରଂଜନ ଜେନା ପ୍ରଫୁଲ୍ଲ କୁମାର ବେହେରା ପିନାକୀ ପ୍ରିତିମାନ ପ୍ରମୁଖ ସହଯୋଗ କରିଥିଲେ ।

# ସାମ୍ବାଦିକଙ୍କ ଧାରଣାକୁ କଂଗ୍ରେସ ଦଳର ସମର୍ଥନ

**ବାଲିଅନ୍ତା,(ନି.ପ୍ର) :** ପଂଚାୟତ ସମିତି ବୈଠକକୁ ଚିଠି କରି ଡାକି ବାଲିଅନ୍ତା ପଂଚାୟତ ସମିତି ଅଧକ୍ଷା ସାମ୍ବାଦିକମାନଙ୍କୁ ବୈଠକସ୍ଥଳରୁ ଚାଲିଯିବାକୁ କହିବା ଦୁର୍ଭାଗ୍ୟ ଜଣକ ଘଟଣା। ଏହା ଓଡ଼ିଆ ଅସ୍ମିତା ସରକାର ପାଇଁ ଏକ ଲଜ୍ୟାଜନକ ଘଟଣା। ଏହା ପ୍ରତିବାଦରେ ୪ଦିନରେ ଆନ୍ଦୋଳନ ପହଂଚିଛି। ଏହାକୁ ସମର୍ଥନ ଜଣାଇ ଓଡିଶା କଂଗ୍ରେସ ଦଳର ଇଓଉଉ ମେମ୍ବର ମାନସ ଚୌଧୁରୀ, ଭୁବନେଶ୍ୱର କଂଗ୍ରେସ ଲୋକସଭା ପ୍ରାର୍ଥୀ ୟାସିର ନାୱାଜ,ଓଡ଼ିଶା ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର,ପୂର୍ବତନ ବାଲିପାଟଣା ବ୍ଲକ୍ କଂଗ୍ରେସ ସଭାପତି ବଟକୃଷ୍ଣ



ରାଉତରାୟ ବାଲିଅନ୍ତା ବ୍ଲକ୍ କଂଗ୍ରେସ ସଭାପତି ଜନ୍ମଜୟ ସ୍ୱାଇଁ,ବରିଷ୍ଠ କଂଗ୍ରେସ ନେତା ବେଣୁଧର ଭୋଇ,ପୂର୍ବତନ ଓଡ଼ିଶା ଛାତ୍ର କଂଗ୍ରେସ ସମ୍ପାଦକ ସନ୍ଦୀପ ରାଉତରାୟ ଏବଂ ପ୍ରକାଶ ମିଶ୍ର ଆଦି କଂଗ୍ରେସର ନେତା ମାନେ ପହଞ୍ଚି ଏହାର ସମାଧାନ ସହ ସାମ୍ବାଦିକ ଭାଇ ମାନଙ୍କର ସମ୍ମାନ ଫେରି ପାଇବେ ସେ ବିଷୟରେ ଆଲୋଚନା କରିବା ସହ ଆଗାମୀ ଦିନରେ ଜିଲ୍ଲାପାଳଙ୍କୁ ଭେଟିବା ସହ ଆନ୍ଦୋଳନ ଆହୁରି ତୀବ୍ର କରିବା ପାଇଁ କହିଛନ୍ତି।ଏହାର ସମାଧାନ ନହେଲେ ଓଡ଼ିଶାର ସାମ୍ବାଦିକ ଓ କଂଗ୍ରେସ କର୍ମୀ ସାମିଲ ହୋଇ ରାଜ ରାସ୍ତା ରୁ ବିଧାନ ସଭା ପର୍ଯ୍ୟନ୍ତ ଆନ୍ଦୋଳନ ବ୍ୟାପ୍ତକ ହେବ ବୋଲି କଂଗ୍ରେସ ଲୋକସଭା ପ୍ରାର୍ଥୀ ୟାସିର୍ ନୱାଜ୍ କହିଛନ୍ତି।

# ବୈଷୟିକ ଶିକ୍ଷା କର୍ମଶାଳା ସଂକଳ୍ପ ୨୦୨୫



**ଭୁବନେଶ୍ୱର,(ନି.ପ୍ର) :** ନିଷ୍ଟ୍ ବିଶ୍ୱବିଦ୍ୟାଳୟ ପରିସର ରେ ଦୁଇ ଦିନିଆ ବୈଷୟିକ ଶିକ୍ଷା କର୍ମଶାଳା ଉଦଘାଟିତ ହୋଇ ଯାଇଛି। ଶିକ୍ଷା ଅନୁଷ୍ଠାନ ର ପ୍ରତିଷ୍ଠାତା ତଥା ସଭାପତି ଡ଼. ସୁକାନ୍ତ କିଶୋର ମହାପାତ୍ର, କୁଳପତି ଡ଼. ପ୍ରିୟଦର୍ଶନ ପାତ୍ର ଙ୍କ ସଭାପତିତ୍ୱ ରେ ଆୟୋଜିତ କର୍ମଶାଳା ରେ ମୁଖ୍ୟ ଅତିଥି ଭାବେ ବ୍ରାଉନ ଫିଲ୍ଡ ପ୍ରୋଜେକ୍ଟସ ଓଡିଶାର ମୁଖ୍ୟ ଶ୍ରୀ ଅରୁଣ ରଥ ଏବଂ ସମ୍ମାନିତ ଅତିଥି ଭାବେ ଆଦିତ୍ୟ ବିର୍ଲା ଗୃପ ର ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ଉପଦେଷ୍ଟା ଶ୍ରୀ ବିଭୁ ମିଶ୍ର ଯୋଗ ଦେଇଥିଲେ। ପରାମର୍ଶଦାତା ଅଧାପକ ପ୍ର. ସ୍ୱାଧୀନ ମିଶ୍ର, ଛାତ୍ର ସଭାପତି ଅର୍ଜ୍ଜ ଅବିନାଶ, ସଚିବ ମନୀଷ କୁମାର ଭଟ, କୋଷାଧକ୍ଷା ୟରରସ୍ୱକ୍ଷବଭସ୍ୱକ୍ଷସ ସାହୁ ମଂଚାସୀନ ଥିଲେ। ବିଶ୍ୱବିଦ୍ୟାଳୟ ପରିସରରେ ବୈଷୟିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିର୍ନ କ୍ଲବ ତରଫରୁ ପ୍ରତିଭା ପ୍ରଦର୍ଶନ କରିଥିଲେ । ସନ୍ଧ୍ୟା ରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଦ୍ୱିତୀୟ ସନ୍ଧ୍ୟା ରେ ପ୍ରସିଦ୍ଧ ବଲ୍ଲିଉଡ଼ ଗାୟକ ଶ୍ରୀ ୟସିର ଦେଶାଇ, ଓଡିଶା ର ସୁନାମଧନ୍ୟ ଡିଜେ ବସିମ ଯୋଗଦେବେ । ସେହିପରି କୁଳସଚିବ ଡ଼. ବିଷ୍ଣୁଙ୍କର ନାୟକ, ଅପରେସନ୍ ହେଡ୍ ଶ୍ରୀ ସରୋଜ ପାଢ଼ୀ, ଡ଼. ପ୍ରୀତି ରଞ୍ଜନ ସାହୁ, ଡ଼. ସବ୍ୟସାଚୀ ରଥ, ଡ଼. ପ୍ରମଥ ଆଚାର୍ଯ୍ୟ, ଡ଼. ଅମରନାଥ ପାଢ଼ୀ, ଡ଼. ମାନବେନ୍ଦ୍ର ପାତ୍ର, ପ୍ର ପୁର୍ନେନ୍ଦୁ ମିଶ୍ର, ଡ଼. ସସ୍ମିତା ପାଢ଼ୀ, ଡ଼. ଆକାଂକ୍ଷା ପଟନାୟକ, ସରୋଜ ପାଢ଼ୀ, ପିତାମ୍ବର ସାହୁ, ସୁରେଶ ମହାପାତ୍ର, ସନ୍ତୋଷ କୁମାର ନାୟକ, ଧରଣୀଧର ଡାକୁଆ, ଚିନି ନରେଶ, ଡାଂବୁରୁଧର ସେଠି, ସୁନୀଲ ରୟ, ଗୋପବନ୍ଧୁ ଉତରାକବାଟ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ। ଟିମ୍ ଫୋଟୋଫୋକ୍ସ ଏବଂ ଟିମ୍ ମିଡିଆ ମୁଭର୍ସ କ୍ରୀଡ଼ା ଇଭେଣ୍ଟରେ କଭରେଜ କରିବା ପାଇଁ ସହାୟତା କରିଥିଲେ। ଶ୍ରେୟା ଓଝା ସଭା କୁ ପରିଚାଳନା କରିଥିଲା ବେଳେ ସହ-ସଂଯୋଜକ ପ୍ର. ମିଟୁ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜୁ ବାବୁଙ୍କ ଜୟନ୍ତୀ ପାଳନ ଲାଗି ପ୍ରସ୍ତୁତି ବୈଠକ



**ଶେରଗଡ , (ନି.ପ୍ର) :** ଆସନ୍ତା ୫ ତାରିଖ ଦିନ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୯ ତମ ଜନ୍ମ ଜୟନ୍ତୀ ପାଳନ ଲାଗି ବ୍ଲକ ବିଜେଡି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବିଧାୟକଙ୍କ ପ୍ରତିନିଧି ଦିଗାମ୍ବର ନାହାକ ଙ୍କ ଅଧକ୍ଷତାରେ ଶେରଗଡ ନିକଟସ୍ଥ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର ଯୋଗ ଦେଇ ଆସନ୍ତା ୫ ତାରିଖ ଦିନ ହେବାକୁ ଥିବା ବିଜୁ ବାବୁଙ୍କ ୧୦୯ତମ ଜନ୍ମ ଦିବସ କୁ କିପରି ଶାନ୍ତି ପୂର୍ଣ୍ଣ ଭାବେ ପାଳନ କରାଯିବ, ସେଥିଲାଗି ବିସ୍ତୃତ ଭାବେ ଆଲୋଚନା କରିଥିଲେ। ୫ ତାରିଖ ଦିନ ସକାଳେ ଶେରଗଡ ଚାରି ଛକଠାରେ ଥିବା ମହାନ ଜନନାୟକ ବିଜୁ ବାବୁଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇ ସଭା ଅନୁଷ୍ଠିତ। ସେଥିରେ ବିଜୁ ବାବୁଙ୍କ ଜୀବନି ଉପରେ ଆଜିର ଯୁବ ପୀଢି ଙ୍କୁ ଅବଗତ କରାଯିବ ଏବଂ ବିଜୁ ବାବୁଙ୍କ ଜୟନ୍ତୀ ଅବସରରେ ସନ୍ଧ୍ୟା ୫ ଘ ରେ ଶେରଗଡ ବ୍ଲକ ଅଲାରିଗଡ ଗ୍ରାମରେ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଆୟୋଜନ କରାଯାଇଥିବା ଆଜିର ବୈଠକରେ ବିଧାୟକ ଙ୍କ ପ୍ରତିନିଧି ପ୍ରକାଶ କରିଥିଲେ। ଆଜିର ଏହି ପ୍ରସ୍ତୁତି ବୈଠକରେ ବ୍ଲକ ଉପାଧକ୍ଷା ଙ୍କ ପ୍ରତିନିଧି କାହ୍ନୁଚରଣ ପଟ୍ଟନାୟକ, ବରିଷ୍ଠ ବିଜେଡି ନେତା ହୀନ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତ ରଞ୍ଜନ ପାଣିଗ୍ରାହୀ, ବରିଷ୍ଠ ବିଜେଡି ନେତା ମେଘନାଦ ଦାସ,ଯୁବ ସମାଜସେବୀ ବାସୁଦେବ ସ୍ୱାଇଁ, ଗଞ୍ଜାମ ଜିଲ୍ଲା ଛାତ୍ର ବିଜେଡି ଉପସଭାପତି ଦିବାକର ପଟ୍ଟନାୟକ ଙ୍କ ସହିତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ 'ତ୍ରିମୂର୍ତ୍ତି ଶିବ ଜୟନ୍ତୀ' ପାଳିତ



**ନୂଆଗାଁ,(ନି.ପ୍ର) :** ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ବାହାଡ଼ାଝୋଲା ପଞ୍ଚାୟତ ସ୍ଥିତ, ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରିୟ ବିଶ୍ୱବିଦ୍ୟାଳୟ,ଶାନ୍ତି ସରୋବର, ବାହାଡ଼ାଝୋଲା, ଆନୁକୁଲ୍ୟରେ ତା ୨୪/୨/ ୨୦୨୫ ସୋମ ବାର ଠାରୁ ତା ୨୬/୦୨/ ୨୦୨୫ ବୁଧବାର ପର୍ଯ୍ୟନ୍ତ ତିନି ଦିନ ଧରି ନିରାକାର ଶିବ ବାବାଙ୍କର ୮୯ ତମ ତ୍ରିମୂର୍ତ୍ତି ଶିବ ଜୟନ୍ତୀ (ମହା ଶିବରାତ୍ରି) ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସୋମବାର ଦିନ ଅନୁଷ୍ଠିତ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ନୂଆଗାଁ ବ୍ଲକ ବିଡିଓ ଅମୃତ କୁମାର ରାଉଳଙ୍କ ସହ ବାହାଡ଼ାଝୋଲା ପଞ୍ଚାୟତ ସମିତି ସଭ୍ୟା ଏବଂ ସ୍ଥାନୀୟ ଫାଣ୍ଡି ଅଧିକାରୀ ମହମ୍ମଦ ଜାଫୁଲା ଅତିଥି ଭାବେ ଯୋଗଦେଇ ଏହି ଆଧାତ୍ମିକ କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରିଥିଲେ। ମଙ୍ଗଳ ବାର ଦିନ ଅନୁଷ୍ଠିତ ଏହି ଆଧାତ୍ମିକ ଉତ୍ସବ ରେ ମୁଖ୍ୟ ଅତିଥି କନ୍ଧମାଳ ସାଂସଦ ଶ୍ରୀଯୁକ୍ତ ସୁକାନ୍ତ କୁମାର ପାଣିଗ୍ରାହୀ ଙ୍କ ସହ ନୂଆଗାଁ ବ୍ଲକ ଉପାଧକ୍ଷ ପର୍ଶୁରାମ ସ୍ୱାଇଁ,ସାଂସଦଙ୍କ ପ୍ରତିନିଧି ଭୀମସେନ ସେଠି ଓ ବିଜେପି ମଣ୍ଡଳ ସଭାପତି ପ୍ରମୁଖ ଉପସ୍ଥିତ ଥିଲେ। ସାଂସଦ ଶ୍ରୀ ପାଣିଗ୍ରାହୀ ଙ୍କୁ ବାହାଡ଼ାଝୋଲା ଫୁଲେଶ୍ୱର ଛକ ଠାରୁ ବାଜା ବଜାଇ ବାଣ ଫୁଟାଇ ବିରାଟ ଶୋଭାଯାତ୍ରାରେ ପାଛୋଟି ଆଣିଥିଲେ ବାହାଡ଼ାଝୋଲା ପଞ୍ଚାୟତ ବାସି । ଶ୍ରୀ ପାଣିଗ୍ରାହୀ ବାହାଡ଼ାଝୋଲା ସ୍ଥିତ ଶ୍ରୀ ଦଧିବାମନ ଜୀଉ ଙ୍କୁ ଦର୍ଶନ କରିବା ପରେ, କ୍ଲବ ଛକ ଠାରୁ ଉପସ୍ଥିତ ବ୍ରହ୍ମା କୁମାର ଭାଇ ଓ ବ୍ରହ୍ମା କୁମାରୀ ଭାଉଣି ମାନେ ପାଛୋଟି ଆଣିଥିବା ବେଳେ ରାସ୍ତାର ଦୁଇ ପାର୍ଶ୍ୱରେ ଜନସାଧାରଣ ସାଂସଦଙ୍କୁ ସ୍ୱାଗତ କରିଥିଲେ। ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରିୟ ବିଶ୍ୱବିଦ୍ୟାଳୟ,ଶାନ୍ତି ସରୋବର, ବାହାଡ଼ାଝୋଲା ଠାରେ ପହଞ୍ଚି ସାଂସଦ ଶ୍ରୀ ପାଣିଗ୍ରାହୀ ଶିବ ପତାକା ଉତ୍ତୋଳନ କରି,ଶିବ ବାବା ଙ୍କ ୮୯ ତମ ତ୍ରିମୂର୍ତ୍ତି ଶିବ ଜୟନ୍ତୀ( ମହାଶିବରାତ୍ରି) ମହୋତ୍ସବ ଯୋଗଦେଇଥିଲେ। ପ୍ରଜପିତା ବ୍ରହ୍ମା କୁମାରୀ ଈଶ୍ୱରିୟ ବିଶ୍ୱବିଦ୍ୟାଳୟ ର ମୁଖ୍ୟ ସଂଚାଳିକା ରାଜ ଯୋଗିନୀ ବ୍ରହ୍ମା କୁମାରୀ ଲକ୍ଷ୍ମୀ ଭଉଣୀ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଧାତ୍ମିକ ଆଲୋଚନାଚକ୍ର ରେ ମୁଖ୍ୟ ଅତିଥି ଶ୍ରୀ ପାଣିଗ୍ରାହୀ ଆଜିର ଭୌତିକ ଯୁଗରେ ମଣିଷ ଜୀବନରେ ପ୍ରକୃତ ସୁଖ ଓ ଶାନ୍ତି ପ୍ରାପ୍ତି ନିମନ୍ତେ ରାଜଯୋଗର ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ବ୍ରହ୍ମା କୁମାରୀ କଳ୍ପନା ଭଉଣୀ ସଂସ୍ଥା ସମ୍ପର୍କରେ ସୂଚନା ଦେଇଥିବା ବେଳେ ବ୍ରହ୍ମା କୁମାର ଅଜୟ ଭାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ବ୍ରହ୍ମା କୁମାର ଭଗବାନ ଭାଇ ଧନ୍ୟବାଦ୍ ଅର୍ପଣ କରିଥିଲେ। କୁନି କୁନି ବ୍ରହ୍ମା କୁମାର ଓ କୁମାରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉପସ୍ଥିତ ସମସ୍ତଙ୍କୁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା। ତା ୨୬/୨ ବୁଧବାର ଦିନ ଅନୁଷ୍ଠିତ ଏହି ଆଧାତ୍ମିକ କାର୍ଯ୍ୟକ୍ରମ ରେ ଡ.ମାନସ ରଞ୍ଜନ ଭୋଇ ( ତହସିଲଦାର,ଓଡ଼ଗାଁ)ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଫାଣ୍ଡି ଅଧିକାରୀ ମହମ୍ମଦ ଜାଫୁଲା ଙ୍କ ସାମ୍ବାଦିକ ପ୍ରଦୀପ୍ତ କୁମାର ସାହୁ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ମଣିଷ ଜୀବନରେ ସୁଖ ଶାନ୍ତି ପ୍ରାପ୍ତି ଓ ନିରୋଗ ମୟ ଜୀବନ ପାଇଁ ରାଜ ଯୋଗ ର ଭୂମିକା ସମ୍ପର୍କରେ କହିଥିଲେ।ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଆସିଥିବା କୁନି କୁନି ବ୍ରହ୍ମା କୁମାର ଓ ବ୍ରହ୍ମା କୁମାରୀ ମାନଙ୍କୁ ମୁଖ୍ୟ ଅତିଥି ଡ.ମାନସ ରଞ୍ଜନ ଭୋଇ ଏବଂ ଶାଖା ସଞ୍ଚାଳିକା ରାଜ ଯୋଗିନୀ ବ୍ରହ୍ମା କୁମାରୀ ଲକ୍ଷ୍ମୀ ଭଉଣୀ ପୁରସ୍କୃତ କରିଥିଲେ।ବ୍ରହ୍ମା କୁମାରୀ କଳ୍ପନା ଭଉଣି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବ୍ରହ୍ମା କୁମାର ମିହିର କୁମାର ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ତିନିଦିନ ଧରି ଅନୁଷ୍ଠିତ ଏହି ଆଧାତ୍ମିକ ଉତ୍ସବ ରେ ଆଖ ପାଖ ଅଞ୍ଚଳ ରୁ ସମସ୍ତ ବ୍ରହ୍ମା କୁମାର ଭାଇ ଓ ବ୍ରହ୍ମା କୁମାରୀ ଭଉଣି ଏବଂ ଅଞ୍ଚଳର ମାନ୍ୟ ଗଣ୍ୟ ବ୍ୟକ୍ତି ମାନେ ଯୋଗଦେଇଥିଲେ।

# ପ୍ରଧାନ ଶିକ୍ଷକଙ୍କ ବିଦାୟ କାଳୀନ ସମର୍ଦ୍ଧନା



**ବଲାଙ୍ଗୀର,(ନି.ପ୍ର) :** ସଇଁତଲା ବ୍ଲକ ଅନ୍ତର୍ଗତ ବୁଢ଼ାବାହାଲ ଗ୍ରାମ ପଂଚାୟତ ର ପଂଚାୟତ ହାଇସ୍କୁଲ ପ୍ରଧାନ ଶିକ୍ଷକ ବରୁଣ କୁମାର ସାହ। ବିଦ୍ୟାଳୟ ଓ ଶିକ୍ଷକ ଙ୍କ ତରଫରୁ ଶନିବାର ମଧାହ୍ନ ରେ ବିଦ୍ୟାଳୟ ର ପରିସରରେ ବିଦାୟ କାଳିନ ସମର୍ଦ୍ଧନା କରାଯାଇଛି କ୍ଷ ଭାରାପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲୀପ କୁମାର ସାହୁ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ପ୍ରଦୀପ କୁମାର ନାଗ (ଜିଲ୍ଲା ଶିକ୍ଷା ଅଧିକାରୀ ବଲାଙ୍ଗୀର )ସମ୍ମାନିତ ଅତିଥି ଭାବେ ନାରାୟଣ ଭୋଇ (ବଭରକ୍ଟ)ଡାକ୍ତର ଚିନ୍ତାମଣି ରଣା, ବିନାୟକ ବେହେରା, ଚାଣ୍ଡାଳ ମିଶ୍ର, ନମ୍ରତା ବାରା (କ୍ୱସ )କପିଳ ଭୋଇ (ପୂର୍ବତନ ସରପଞ୍ଚ )ମୁଖ୍ୟ ବକ୍ତା ସୁଶୀଲ କୁମାର ସୁନା,ମଞ୍ଚ ପରିଚାଳନା ଭୂପିନ୍ଦର ହରପାଳ (ପ୍ରଧାନ ଶିକ୍ଷକ ଖାରିବାହାଲ)ସରୋଜ ମିଶ୍ର, ସହପାଠୀ ଶିକ୍ଷକ ପ୍ରଦୀପ ସାହୁ, ସତ୍ୟବାନ ସାହୁ, ବିବଛ କୁମାର ସାହୁ,ପର୍ଶୁ ସାହୁ ବିବଛ କୁମାର ସାହୁ,ମୋହନ କୁମାର ସାହୁ ସ୍କୁଲ ସଭାପତି ଭୀଷ୍ମ ସାହୁ,ସ୍କୁଲ ପିଅନ, ଭରତ ପୋଡ଼, କାଳିଆ ପୁଟେଲ, ପିତାମ୍ବର ମେହେର କମିଟି ମେମ୍ବର ସୁରେଶ ଚନ୍ଦ୍ର ଭୋଇ, ଉପସ୍ଥିତ ଥିବାବେଳେ ସାହୁ ,ପୂର୍ବତନ ଛାତ୍ରଛାତ୍ରୀ ବନିତା ନାଗ, ସପ୍ତମୀ ବେହେରା, ଲକପତି ବାଗ, ବୃହସ୍ପତି ସାହୁ ସୁରେଶ ସାହୁ ତଥା ପୂବତନ ସରପଞ୍ଚ କପିଳ ଭୋଇ, ବିନାୟକ ବେହେରା, ଗୌରହରୀ ସାହୁ, ସୁରେଶଚନ୍ଦ୍ର ସାହୁ, , କ୍ଷମାନିଧି ସାହୁ,ସତାଧିକ ଛାତ୍ରଛାତ୍ରୀ ଥିଲେ, ପଂଚାୟତ ହାଇସ୍କୁଲ ଠାରୁ, ଶ୍ରୀ ସାହୁ ଶିକ୍ଷକ ଙ୍କୁ ସଂକୀର୍ତନ ଓ ବାଦ୍ୟ ଖୋଲ ତାଳ କରି ପଂଚାୟତ ସ୍ଥିତ ବୁଢ଼ାବାହଲ ଠାରୁ ତାଙ୍କ ବାସସ୍ଥାନ ଡୁଙ୍ଗୁରିପାଲି ପର୍ଯନ୍ତ ଗ୍ରାମବାସି ତଥା ଆଖପାଖ ଗ୍ରାମର ଶତାଧିକ ମହିଳା ପୁରୁଷ ଓ ଛାତ୍ରଛାତ୍ରୀ ଶ୍ରୀ ସାହୁ ଙ୍କୁ ସମ୍ବାର୍ଦ୍ଧନା କରିଥିଲେ ।

## ଜଗନ୍ନାଥ ସାଗର କାର୍ଯ୍ୟ ଶୀଘ୍ର ଆରମ୍ଭ ଦାବିରେ

# ପଦଯାତ୍ରା ସହ ଗଣଧାରଣା

**ଜୟପୁର,(ନି.ପ୍ର) :** ଜଗନ୍ନାଥ ସାଗର କାଯ୍ୟ ଶିଘ୍ର ଆରମ୍ଭ କରିବାକୁ ଦାବି କରାଯାଇଛି । ମୋ ଜଗନ୍ନାଥ ସାଗର ଟ୍ରଷ୍ଟ ଓ ଜଗନ୍ନାଥ ସାଗର ସଂଘର୍ଷ ତରଫରୁ ପଦ ଯାତ୍ରା ସହ ଗଣ ଧାରଣା ଦିଆଯାଇଛି । ଜଗନ୍ନାଥ ସାଗର କାଯ୍ୟ ଶିଘ୍ର ଆରମ୍ଭ କରିବାକୁ ଦାବି କରାଯାଇଛି । ମୋ ଜଗନ୍ନାଥ ସାଗର ଟ୍ରଷ୍ଟ ଓ ଜଗନ୍ନାଥ ସାଗର ସଂଘର୍ଷ ତରଫରୁ ମିଳିତ ଭାବେ ଜିଲାପାଳ ଙ୍କ ଉଦ୍ଦେଶ୍ୟରେ ଜୟପୁର ଉପ ଜିଲାପାଳ ଆକା ବରମ ଶଶ୍ୟା ରେଡ୍ଡିଙ୍କୁ ସଂନ୍ଧ୍ୟା ୫ଟା ସମୟରେ ଦାବି ପତ୍ର ପ୍ରଦାନ କରାଯାଇଛି। ଗତ ୨୩।୨।୨୫ ତାରିଖ ବୈଠକରେ ସରକାର ବେପାରୁଆ ଭାବେ ଜଗନ୍ନାଥ ସାଗରର ପାଣି ସୁଖାଇବା ଓ ଅନେକ ଦିନ ହେବ କାଯ୍ୟ ବନ୍ଦ କରିଥିବା ହେତୁ ଜୟପୁରର ତାପମାତ୍ର ୨ ଡିଗ୍ରୀ ବଢ଼ିଯିବା ସହ ଜଳ ସ୍ତର ହ୍ରାସ ହେବା ବିଷୟ ଆଲୋଚନା ହୋଇଥିଲା । ଶାସନ ଓ ପ୍ରଶାସନର କେହି ମଧ ଏହାକୁ ଧ୍ୟାନ ଦେଉନଥିବାରୁ ଆଜି ଦିନ ରାଜା ନହରରୁ ଏକ ପଦ ଯାତ୍ରା ବାହାରି ମୁଖ୍ୟ ଗ୍ରଫିକ ଛକରେ ପହଞ୍ଚି ଥିଲା ।ଦିନ ୧୦ଟା ରୁ ସଂନ୍ଧ୍ୟା ୫ଟା ଯାଏ ଗ୍ରଫିକ ଛକ ନିକଟରେ ଶାନ୍ତି ପୁର୍ଣ୍ଣ ଗଣ ଧାରଣା ଦିଆଯାଇଛି । ଗତ ଦିନରେ ଜିଲାପ୍ରାଶାସନ କାଯ୍ୟ ବନ୍ଦ କରିଥିବାରୁ ଗତ ୩ ତାରିଖରେ ମୁଖ୍ୟମନ୍ତ୍ରୀ ନିକଟରେ ମଧ ଦାବି କରାଯାଇଥିଲା ।

# ରକ୍ତ ସମ୍ପର୍କରେ ଦାଗ, ପୁଅର ଟାଙ୍ଗିଆ ଚୋଟରେ ବାପା ମୃତ

**ଶେରଗଡ,(ନି.ପ୍ର) :** ରକ୍ତ ର ସମ୍ପର୍କରେ ଲାଗିଛି ଅଲିଭା ଦାଗ । ଯେଉଁ ବାପା ପୁଅର ହାତ ଧରି ବାଟ ଚାଲିବା ଶିଖାଇଥାଏ,ତଥା ଦୁନିଆ ଆଗରେ ପ୍ରତିଷ୍ଠିତ କରାଇଥାଏ ଏବଂ ଦୁନିଆର ସବୁଠାରୁ ନିବିଡ ତଥା ଭଲପାଇବା ମିଳିଥାଏ ବାପାଙ୍କ ଠାରୁ,ପୁଅର ବିପଦ ଆପଦ ବେଳେ ବାପା ସବୁବେଳେ ପୁଅର ସରକ୍ଷାଦାତା ସାଜି ସବୁ ସମୟରେ ପ୍ରାଚୀର ଭଳି ଠିଆ ହୋଇଥାଏ, ଏଭଳି ସମ୍ପର୍କ କୁ ପଛରେ ପକାଇ ପୁଅ ଆଜି ବାପା କୁ ହତ୍ୟା କରିବାକୁ ପଛାଇନଥିବା ଭଳି ଘଟଣା ଦେଖିବାକୁ ମିଳିଛି ଶେରଗଡ ଥାନା ତାକରଡା ଗ୍ରାମରେ। ଘଟଣା କ୍ରମେ, ତାରିଣୀ ମଲ୍ଲିକ (୬୦) ଆଜକୁ ୨ ମାସରୁ ଉର୍ଦ୍ଧ୍ୱ ହେବ କୌଣସି କାରଣରୁ ତାଙ୍କର ଗୋଡ ସଂକ୍ରମଣ ହୋଇ ନଷ୍ଟ ହେବାରେ ଲାଗିଥିଲା। ଏହା ପରେ ପୁଅ ଯୁଗଳ ଡାକ୍ତର ଙ୍କ ସହିତ



ପରାମର୍ଶ କରି ବାପା ଙ୍କୁ ସଂକ୍ରମଣ ରୁ ଆରୋଗ୍ୟ କରିବା ଲାଗି ସମସ୍ତ ପ୍ରକାର ଚେଷ୍ଟା ଜାରି ରଖିଥିଲେ। ଯୁଗଳ ଏବଂ ତାଙ୍କ ପରିବାରର ଚେଷ୍ଟା ଫଳରେ ତାରିଣୀ ସଂକ୍ରମଣ ରୁ ଧୀରେ ଧୀରେ ଆରୋଗ୍ୟ ଲାଭ କରି ଆସୁଥିଲେ। ତାରିଣୀ ବିଭିନ୍ନ ସମୟରେ ପୁଅ ବୋହୂ ଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଆସୁଥିଲେ। ହେଲେ ଆଜକୁ ଦଶ ଦିନ ପୂର୍ବେ ତାରିଣୀ ନିଜ ବୋହୂ ଙ୍କୁ ଅସଭ୍ୟ ଭାଷା ରେ ଗାଳିଗୁଲଜ କରିଥିଲେ ଏବଂ ଗାଳିଗୁଲଜ ଅସହ୍ୟ ହେବାରୁ ବୋହୂ ନିଜ ବାପା ଘରକୁ ପଳାଇଥିଲେ। ବୋହୂ ଚାଲିଯିବା ପରେ ଘରେ ବାପାଙ୍କ ସେବା ଏବଂ ରୋଷେଇ କୁ ନେଇ ପୁଅ ଯୁଗଳ ଚିନ୍ତାରେ ପଡିବା ସହ ମାନସିକ ଦୁଶ୍ଚିନ୍ତା ରେ ଥିଲେ। ଇତି ମଧ୍ୟରେ ବାପା ତାରୀଣି ଙ୍କ ଗାଳିଗୁଲଜ ଜାରି ରହିଥିଲା। ଗତକାଲି ଏସବୁ ଘଟଣା କୁ ସହ୍ୟ କରିନପାରି ତାରିଣୀ ବାରଣ୍ଡାରେ ଶୋଇଥିବା ଅବସ୍ଥାରେ ପୁଅ ରାଗ ଜର୍ଜରିତ ହୋଇ ଏକ ଟାଙ୍ଗିଆ ସାହାଯ୍ୟ ରେ ବାପା ଙ୍କୁ ଅତର୍କିତ ହାଣି ହତ୍ୟା କରିଥିଲା। ଏହି ଘଟଣା ପରେ ଶେରଗଡ ପୋଲିସ ଖବର ପାଇ ଘଟଣା ସ୍ଥଳରେ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସନ୍ତୋଷ କୁମାର ଜେନା,ଶେରଗଡ ଥାନାଧିକାରୀ ବରେନ୍ଦ୍ର ସିଅଳ ସଦଳବଳେ ପହଞ୍ଚି ହତ୍ୟାକାରୀ ପୁଅ ଯୁଗଳ ଙ୍କୁ ଗିରଫ କରିବା ସହ ହତ୍ୟା ରେ ବ୍ୟବହୃତ ହୋଇଥିବା ଟାଙ୍ଗିଆ କୁ ଜବତ କରିଛି। ଏନେଇ ଶେରଗଡ ଥାନାରେ ୧୨୧/୨୫ ରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଜାରି ରହିଛି।

# ୩ ଜଣ ପୁରୁଣା ୱାରେଣ୍ଟି ଗିରଫ

**ଛତ୍ରପୁର, (ନି.ପ୍ର) :** ଛତ୍ରପୁର ଥାନା ଅଂଚଳ ରେ ପୁରୁଣା ୱାରେଣ୍ଟି ବଳ ରେ ୩ଜଣ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ, ଥାନା ଅଧିକାରୀ ଦେବାଶିଷ



ମହାନ୍ତିଙ୍କ ତତ୍ୱବଧାନ ରେ ଏସଟି ନଂ ୨୬୭/୧୩, ଜିଆର ନଂ ୧୬୫/୨୩ ଓ ଜିଆରନଂ ୩୮୧/୨୪ ୱାରେଣ୍ଟ ଧରିବା ନିମନ୍ତେ ଏକ ଟିମ ଗଠନ କରିଥିଲେ, ଯାହାଫଳ ରେ ସିଂଗିପୁର ଗ୍ରାମ ର ଦିନବନ୍ଧୁ ସାହୁ, ସୁନ୍ଦରପୁର ଗ୍ରାମ ର ଜିତୁ ଓରଫ ସତ୍ୟଜିତ ବେହେରା ଏବଂ ଗୋବା ଗ୍ରାମ ର ନଣ୍ଡା ବାରିକ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଦେବାଶିଷ ମହାନ୍ତି ସୂଚନା ଦେଇଛନ୍ତି।

# ସରସ୍ୱତୀ ଶିଶୁ ମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ



**ବେତନଟୀ,(ନି.ପ୍ର) :** ବେତନଟୀ ଦେବ ବିହାର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ବିଦ୍ୟାଳୟର ଅଧ୍ୟକ୍ଷ ସତୀଶ ଚନ୍ଦ୍ର ସାହୁ ଙ୍କ ଅଧ୍ୟକ୍ଷତାରେ ଛାତ୍ର ଛାତ୍ର ଗୁରୁମା ଓ ଗୁରୁଜୀ ମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନ ଦିବସ ଉପଲକ୍ଷେ ଭାରତର ବିଶିଷ୍ଟ ବୈଜ୍ଞାନିକ ମାନଙ୍କ ଆତ୍ମଜୀବନୀ ନୂତନ ଉଦ୍ଭାବନ ସଂପର୍କରେ ଛାତ୍ର ଛାତ୍ରୀ ମାନେ ଆଲୋଚନା କରିବା ପରେ ପ୍ରଧାନ ଗୁରୁଜୀ ଲକ୍ଷ୍ମୀଧର ବାରିକ ବିଦ୍ୟାଳୟ ପରିଚାଳନା କମିଟିର ସଂପାଦକ ପ୍ରକାଶ ବେହେରା ଙ୍କୁ ଏହି ଦିବସ ଉପଲକ୍ଷେ ମାର୍ଗ ଦର୍ଶନ ଦେବାକୁ ଅନୁରୋଧ କରିବା ସହିତ ବିଜ୍ଞାନ ଗୁରୁଜୀ ବସନ୍ତ ମହାନ୍ତ ବୈଜ୍ଞାନିକ ମାନଙ୍କର ମାନବ ସମାଜ ପ୍ରତି ଅବଦାନ ସଂପର୍କରେ ବିଶିଷ୍ଟ ବୈଜ୍ଞାନିକ ମାନଙ୍କର ଅବଦାନ ସଂପର୍କରେ ବିଭିନ୍ନ ତଥ୍ୟ ଭିତ୍ତିକ ଉଦ୍ଭାବକ ଓ ବୈଜ୍ଞାନିକ ମାନଙ୍କ ସଂପର୍କରେ ଆଲୋକପାତ କରିବା ସହିତ ଭବିଷ୍ୟତରେ ବିଶିଷ୍ଟ ବୈଜ୍ଞାନିକ ମାନଙ୍କ ପରି ନୂତନ ଉଦ୍ଭାବନ କରି ଦେଶ ସେବାରେ ନିଜକୁ ସମର୍ପିତ କରିବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ। ଏହି ଦିବସ ପାଳନ ଅବସରରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ହାସଲ କରିଥିବା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶ୍ରୀମତୀ ଅଞ୍ଜଳି ଚୌଧୁରୀ ଧନ୍ୟବାଦ ଅର୍ପଣ କରିବା ପରେ କାର୍ଯ୍ୟକ୍ରମ ଉଦଯାପିତ ହୋଇଥିଲା।

# ବିଦ୍ୟାଳୟ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କୁ ହସ୍ତାକ୍ଷର ବିଶ୍ଳେଷଣ ପ୍ରଶିକ୍ଷଣ

**ଭୁବନେଶ୍ୱର,(ନି.ପ୍ର) :** ରୋଟାରି ଇ-କ୍ଲବ ଅଫ୍ ମହୋଦଧି, ଭୁବନେଶ୍ୱର ତରଫରୁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପଲ୍ଲହାଟ ଠାରେ ଆମ ହସ୍ତାକ୍ଷର ଓ ଆମ ବ୍ୟକ୍ତିତ୍ୱର ସମ୍ପର୍କ ଉପରେ ଗୁରୁବାର ଦିନ ନିଃଶୁଳ୍କ ପ୍ରଶିକ୍ଷଣ ଦିଆଯାଇଛି। ବିଦ୍ୟାଳୟରେ ଛାତ୍ର ଛାତ୍ରୀମାନଙ୍କ ହସ୍ତାକ୍ଷରରେ ପରିବର୍ତ୍ତନ କରି କିପରି ସେମାନଙ୍କ ବ୍ୟକ୍ତିତ୍ୱର ସୁନ୍ଦର ଭାବେ ଗଢାଯାଇଥାଏ ପାରିବ ସେହି ଉଦ୍ଦେଶ୍ୟ ରେ ଆଜିର ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କ୍ଲବର ସଭ୍ୟ ଅଭିଜ୍ଞ ଗ୍ରାଫୋଲୋଜିଷ୍ଟ ରୋଟାରିଆନ୍ ଇଂ ନିରଞ୍ଜନ ବେହେରା ବିଭିନ୍ନ ଅକ୍ଷର ଲେଖିବା ପଦ୍ଧତି, ଭୁଲ ଲେଖିବା ଦ୍ୱାରା କି ପ୍ରକାରର କୁପ୍ରଭାବ ଶାରୀରିକ, ମାନସିକ ସ୍ତରରେ ପଡେ ଏବଂ ହସ୍ତାକ୍ଷରର ସାମାନ୍ୟ ପରିବର୍ତ୍ତନ ଦ୍ୱାରା କିପରି ଚାଲିଚଳନ, ଶାରୀରିକ ସୁସ୍ଥତା, ମାନସିକ ସନ୍ତୁଳନ,



ବ୍ୟକ୍ତିତ୍ୱର ବିକାଶ, ବୃତ୍ତିଗତ ଶିକ୍ଷା ଚୟନ ଇତ୍ୟାଦିର ଉନ୍ନତି ହୋଇପାରିବ ତାହା ସେ ବିସ୍ତୃତ ଭାବରେ ସ୍ୱକ୍ଷସୟର ମାଧ୍ୟମରେ ଅବଗତ କରାଇଥିଲେ। ବିଭିନ୍ନ ପ୍ରକାରର ସ୍ୱାକ୍ଷରରୁ କିପରି ସ୍ୱାକ୍ଷରକାରିର ବ୍ୟକ୍ତିତ୍ୱର ପରିପ୍ରକାଶ ହୁଏ ତାହା ମଧ୍ୟ ଜଣାଇଥିଲେ। କ୍ଲବର ସଭାପତି ରୋଟାରିଆନ୍ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତଏହି ପ୍ରଶିକ୍ଷଣ ଶିବିରରେ, ସମ୍ପାଦକ ରୋଟାରିଆନ୍ ରଜନୀକାନ୍ତ ପଟ୍ଟନାୟକ, ପୂର୍ବତନ ସଭାପତି ସର୍ବେଶ୍ୱର ସାହୁ, ରୋଟାରିଆନ ନିରଞ୍ଜନ ସାହୁ ଏବଂ ରୋଟାରିଆନ୍ ପ୍ରମଥ ନାୟକ ଉପସ୍ଥିତ ରହି ସହଯୋଗ କରିଥିଲେ। ପଲ୍ଲହାଟ ଶିଶୁ ବିଦ୍ୟାମନ୍ଦିର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ବିମଳ ଚନ୍ଦ୍ର ରାଉତରାୟ ଏବଂ ଗୁରୁଜଙ୍ଗ ଶିଶୁ ମନ୍ଦିର ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ଦୁଷ୍ମନ୍ତ କୁମାର ସୁବୁଦ୍ଧିଙ୍କ ସହିତ ଦୁଇ ବିଦ୍ୟାଳୟର ୪୬ ଜଣ ଶିକ୍ଷକ ଏବଂ ଶିକ୍ଷୟତ୍ରୀ ଉପସ୍ଥିତ ଏହି ପ୍ରଶିକ୍ଷଣ ର ସୁଯୋଗ ନେଇଥିଲେ। ପଲ୍ଲହାଟ ଶିଶୁ ବିଦ୍ୟାମନ୍ଦିର ର ଯୁଗ୍ମ ସମ୍ପାଦକ ଶ୍ରୀଯୁକ୍ତ ବଂଶୀଧର ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

# ନୂତନ ବିଇଓଙ୍କୁ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା



**କୋକସରା, (ନି.ପ୍ର) :** କୋକସରା ବ୍ଲକର ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ଶୁକ୍ରବାର ମହେଶ କୁମାର ଭାଟି କାର୍ଯ୍ୟରେ ଯୋଗଦେଇଛନ୍ତି। ଏହି କ୍ରମରେ କୋକସରା ପ୍ରାଥମିକ ଶିକ୍ଷକ ସଂଘ (ହରିପୁର ରୋଡ୍ କଟକ) ତରଫରୁ ନୂତନ ବିଇଓ ଶ୍ରୀଭାଟିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିସହ କୋକସରା ବ୍ଲକ ଶିକ୍ଷା ବିଭାଗରେ ଥିବା ସମସ୍ୟାକୁ ସମାଧାନ କରିବା ପାଇଁ ମଧ ସଂଘ ପକ୍ଷରୁ ନୂତନ ବିଇଓଙ୍କୁ ଅନୁରୋଧ କରାଯାଇଛି। ଏହି ସ୍ୱାଗତ ସମ୍ବର୍ଦ୍ଧନା ସମୟରେ ସଭାପତି ଭୁରିଶ୍ରବା ଜାଲ, ସମ୍ପାଦକ ସୁଭାଷ ଚନ୍ଦ୍ର ବାଗ, ଉପ ସଭାପତି ବିରକିଶୋର ନାଗ, ଅମୂଲ୍ୟ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ, ଉପେନ୍ଦ୍ର ସାହୁ, ଲିଙ୍ଗରାଜ ନାଏକ, ଅମୂଲ୍ୟ ବେହେରା, ସୁମନ ଅର୍ପିତ ପଣ୍ଡା, ଦିପ୍ତିରଞ୍ଜନ ଅଧିକାରୀ, ମଦନଲାଲ ନାଏକ, ଅଜିତ୍ କୁମାର ସାହୁ, କପିଳ ଚନ୍ଦ୍ର ଶବର, ଲାବାନ୍ୟନିଧି ରାଉତ, ସୁରେନ୍ଦୁ ପ୍ରସାଦ ପଣ୍ଡା, ରଶ୍ମି ରଞ୍ଜନ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଜିଲ୍ଲା ଉନ୍ନୟନ, ସମନ୍ୱୟ ଓ ପରିଚାଳନା କମିଟି ବୈଠକ

**ଯାଜପୁର,(ନି.ପ୍ର) :** ଯାଜପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାସ୍ତରୀୟ ଉନ୍ନୟନ, ସମନ୍ୱୟ ଓ ପରିଚାଳନା (ଦିଶା) କମିଟି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଯାଜପୁର ଲୋକସଭା ସାଂସଦ ଡଃ ରବୀନ୍ଦ୍ର ନାରାୟଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ର ସରକାରଙ୍କ ପ୍ରଣୀତ ବିଭିନ୍ନ ଯୋଜନା ଗୁଡ଼ିକର ପ୍ରଣୟନ ଓ କାର୍ଯ୍ୟକାରିତା ବିଷୟରେ ସବିଶେଷ ଆଲୋଚନା କରାଯାଇଥିଲା। ବୈଠକରେ ଅଧ୍ୟକ୍ଷତା କରି ସାଂସଦ କହିଲେ ନୂତନ ସରକାର ଗଠନ ହେଲା ପରେ ପ୍ରଥମ ଥର ଏହି ବୈଠକ ଅନୁଷ୍ଠିତ ହେଉଅଛି। କେନ୍ଦ୍ରୀୟ କାର୍ଯ୍ୟକ୍ରମ ଉପରେ ଅନୁଧ୍ୟାନ କରି ଜିଲ୍ଲାକୁ ବିକଶିତ କରିବା ମୁଖ୍ୟ ଉଦ୍ଦେଶ୍ୟ। ବୈଠକରେ ଉପସ୍ଥିତ ରହି ଜିଲ୍ଲାପାଳ ତଥା ମେମ୍ବର କନଭେ୍ନର ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଜାତୀୟ ସାମାଜିକ ସହାୟତା ଯୋଜନାରେ ଯେଉଁ ବୟସ୍କ ଓ ଭିନ୍ନକ୍ଷମ ହିତାଧିକାରୀ ବ୍ୟାଙ୍କ୍ କୁ ଯାଇ ପାରୁ ନାହାଁନ୍ତି ସେମାନଙ୍କୁ ଘରେ ଯାଇ ଭତ୍ତା ପ୍ରଦାନ କରିବାକୁ ଜିଲ୍ଲାପାଳ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଓ ବି.ଡି.ଓ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଭତ୍ତା ପଇସା ଲୋନ ବାବଦକୁ ନକାଟିବାକୁ ବିଧାୟକ ବଡ଼ଚଣା ଅମର କୁମାର ନାୟକ ପରାମର୍ଶ ଦେଇଥିଲେ। ୮୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ହିତାଧିକାରୀଙ୍କୁ ୩୫୦୦ ଟଙ୍କା ପ୍ରଦାନ କରିବାକୁ କହିଥିଲେ। ବିଂଝାରପୁର ବିଧାୟିକା ଶ୍ରୀମତୀ ପ୍ରମିଳା ମଲ୍ଲିକ ଏନ୍.ଆର.ଇ.ଜି.ଏସ ରେ ମଜୁରୀ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଚଣ୍ଡିଖୋଲ ରୁ ଡୁବୁରୀ ରାସ୍ତା କାମ ତୁରନ୍ତ ଶେଷ କରିବାକୁ ବିଧାୟକମାନେ ଏନ୍.ଏଚ୍.ଏ.ଆଇ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ବଡ଼ଚଣା ବ୍ଲକରେ ଦୀର୍ଘ ଦିନ ଧରି ନିର୍ମାଣାଧୀନ ଅଙ୍ଗନୱାଡ଼ି ଗୃହ କାର୍ଯ୍ୟ ଶେଷ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଏମ.ଜି.ଏନ୍.ଆର.ଇ.ଜି.ଏସ, ଦୀନଦୟାଲ ଅନ୍ତୋଦୟ ଯୋଜନା, ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଆର.ସେ.ଟି,ସଂସଦ ଆଦର୍ଶ ଗ୍ରାମ ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ ଅଭିଯାନ, ସ୍ୱଚ୍ଛ ଭାରତ ମିଶନ, ଜାତୀୟ ପ୍ରାଣୀ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ଜାତୀୟ ଲାଇଭ ଷ୍ଟକ୍ ମିଶନ, ସମନ୍ୱିତ ଶିଶୁ ବିକାଶ ଯୋଜନା, ବେଟି ବଚାଓ ବେଟି ପଢାଓ ଓ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା, ମହିଳା ନିରାପତ୍ତା ଓ ସୁରକ୍ଷା ଜାତୀୟ ସ୍ୱାସ୍ଥ୍ୟ ମିଶନ, ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ଜଳ ଜୀବନ ମିଶନ, ଡିଜିଟାଲ ଇଣ୍ଡିଆ ଲ୍ୟାଣ୍ଡ ରେକର୍ଡସ୍ ମର୍ଡନାଇଜେଶନ ପ୍ରୋଗ୍ରାମ, ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା, ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ, ସମଗ୍ର ଶିକ୍ଷା, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା, ପି.ଏମ.ଇ.ଜି.ପି, ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନା, ଏମ.ପି ଲ୍ୟାଡ, ଜାତୀୟ ଖାଦ୍ୟ ସୁରକ୍ଷା ଅଧିନିୟମ, ପ୍ରି ଏବଂ ପୋଷ୍ଟ ମାଟ୍ରିକ ସ୍କଲାରସିପ, ଖେଲୋ ଇଣ୍ଡିଆ, ଇ-ଶ୍ରମ ପୋର୍ଟାଲ ଉପରେ ପୁଙ୍ଖନୁପୁଙ୍ଖ ଆଲୋଚନା ହୋଇଥିଲା। ବୈଠକରେ ଯାଜପୁର ବିଧାୟିକା ଶ୍ରୀମତୀ ସୁଜାତା ସାହୁ, ବରୀ ବିଧାୟକ ବିଶ୍ୱରଂଜନ ମଲ୍ଲିକ, ବଡ଼ଚଣା ବିଧାୟକ ଅମର କୁମାର ନାୟକ, ବିଂଝାରପୁର ବିଧାୟିକା ଶ୍ରୀମତୀ ପ୍ରମିଳା ମଲ୍ଲିକ, ସମବାୟ ମନ୍ତ୍ରୀଙ୍କ ପ୍ରତିନିଧି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ନଳିନୀ ପ୍ରଭା ଜେନା, ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର କୁମାର ବେହୁରିଆ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନାକୁ ଆଗେଇ ନେଇଥିଲେ ଓ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶୁଭେନ୍ଦ୍ର କୁମାର ସାମଲ, ଉପ ଜିଲ୍ଲାପାଳ ଲମ୍ବୋଦର ଖୁଣ୍ଟିଆ, ସମସ୍ତ ବ୍ଲକ୍ ଓ ମୁନିସିପାଲିଟିର ଅଧ୍ୟକ୍ଷ, ଅଧ୍ୟକ୍ଷା, ବି.ଡି.ଓ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଓ ଗଣମାଧ୍ୟମର ପ୍ରତିନିଧିଗଣ ଉପସ୍ଥିତ ଥିଲେ।




# ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ-୨୦୨୫

**ନୀଳଗିରି, (ନି.ପ୍ର) :** ସନ୍ତରାଗଡ଼ିଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଜାତୀୟ ବିଜ୍ଞାନ



ଦିବସ ଅବସରରେ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ କମଳ ଲୋଚନ ମିଶ୍ର ସଭାପତିତ୍ୱ କରିଥିବା ବେଳେ ବିଦ୍ୟାଳୟର ସମ୍ପାଦକ ଯୁଧିଷ୍ଠିର ନନ୍ଦ ଉପସ୍ଥିତ ଥିଲେ।ମୁଖ୍ୟଅତିଥି ଭାବେ ପ୍ରତିଷ୍ଠିତ ପଦାର୍ଥବିଜ୍ଞାନୀ ଡକ୍ଟର ଶ୍ରୀନିବାସ ସିଂ ପ୍ରକୃତି ଆମ ଚତୁର୍ପାଶ୍ୱରେ ସକାଳ ଉଠିବାଠାରୁ ରାତିରେ ଶୋଇବା ପର୍ଯ୍ୟନ୍ତ ବିଜ୍ଞାନ ଭରି ରହିଛି ଏବଂ ବିଜ୍ଞାନ ବିନା ବଞ୍ଚିବା ଅସମ୍ଭବ ।ତେଣୁ ବିଜ୍ଞାନ ପ୍ରତି ପିଲାମାନଙ୍କ ମନରେ ଜିଜ୍ଞାସା ରହିବା ଉଚିତ ବୋଲି ଉଦବୋଧନ ଦେଇଥିବା ବେଳେ ମୁଖ୍ୟ ବକ୍ତା ବୈଜ୍ଞାନିକ. ମଧୁସ୍ମିତା ସିଂ ଖାଲି ସମୟରେ ପିଲାମାନେ ମନକୁ ଜିଜ୍ଞାସା ଯୁକ୍ତ କଲେ ବିଜ୍ଞାନର ଅଗ୍ରଗତି ହୋଇପାରିବ ବୋଲି ଉଦବୋଧନ ଦେଇଥିଲେ। ଛୋଟବେଲୁ ବିଜ୍ଞାନପ୍ରତି ଆଗ୍ରହ ମନୋଭାବ ରଖିବାକୁ ଉପଦେଶ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶିଶୁମନ୍ଦିରର ସମସ୍ତ ଛାତ୍ରଛାତ୍ରୀ ଏବଂ ଗୁରୁଜୀ ଗୁରୁମା ଙ୍କ ସମେତ ଅଭିଭାବକ ଅଭିଭାବିକା ମାନେ ଉପସ୍ଥିତ ଥିଲେ।

# ନୂତନ ବ୍ଲକ ପାଇଁ ବିଭିନ୍ନ ପଞ୍ଚାୟତର ସମର୍ଥନ ଲୋଡିଲା କମିଟି



**ନୟାଗଡ଼,(ନି.ପ୍ର) :** ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ବାହାଡ଼ା ଝୋଲା ଅଂଚଳରେ ନୂତନ ବ୍ଲକ ପାଇଁ ବିଭିନ୍ନ ପଂଚାୟତର ସମର୍ଥନ ଲୋଡିଲା କମିଟି। ସୁଚନା ମୁତାବକ ସରକାର ଙ୍କ ପକ୍ଷରୁ ନୂତନ ବ୍ଲକ ସମ୍ପ୍ରସାରଣ ପାଇଁ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ନୂଆଗାଁ ବ୍ଲକ ଅନ୍ତର୍ଗତ ବାହାଡ଼ା ଝୋଲା ପଂଚାୟତର ଆଖପାଖ ହରିପୁରୁ, ବେରୁଆବାରୀ, କାପ୍ତାପଲ୍ଲୀ, ଗୁମି ପଂଚାୟତ ର ଦୁରତା (୪୦/୫୦/) କିଲୋମିଟର ହେବା ସହିତ ଏକ ଲକ୍ଷ୍ୟ ରୁ ଉର୍ଦ୍ଧ ଜନସାଧାରଣ ସରକାରଙ୍କ ତରଫରୁ ସୁବିଧା ସୁଯୋଗ ପାଇବାରୁ ବଂଚିତ ହେଉଥିବା ଅଭିଯୋଗ ହୋଇ ଆସୁଥିଲା। ସରକାର ଙ୍କ ପକ୍ଷରୁ ହୋଇଥିବା ନିଷ୍ପତ୍ତି କୁ ଦୃଷ୍ଟିରେ ରଖି କିଛିଦିନ ତଳେ ନୂତନ ବ୍ଲକ କ୍ରୀୟା ଅନୁଷ୍ଠାନ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନୟାଗଡ଼ ଜିଲ୍ଲା ପାଳଙ୍କୁ ଦାବିପତ୍ର ଦେଇଥିଲେ ଗତକାଲି କନ୍ଧମାଳ ସାଂସଦ ଶ୍ରୀ ସୁକାନ୍ତ କୁମାର ପାଣିଗ୍ରାହୀ ଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ଓ ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ର ବିଧାୟକ ରମେଶ ଚନ୍ଦ୍ର ବେହେରା ଙ୍କୁ ଏକ ଦାବିପତ୍ର କମିଟି ପକ୍ଷରୁ ପ୍ରଦାନ କରିଛନ୍ତି। କମିଟିର ଏକ ଟିମ୍ ଆଜି ବିଭିନ୍ନ ପଂଚାୟତ ବୁଲି ଲୋକଙ୍କ ସମର୍ଥନ ଯୋଗାଡ଼ କରିଛନ୍ତି। ସେହିପରି ବେରୁଆବାରୀ ପଂଚାୟତର ମାସିକିଆ ସାଧାରଣ ବ୍ୟଠକରେ କମିଟି ପହଂଚି ଜନପ୍ରତିନିଧି ଙ୍କୁ ବୁଝାଇବା ସହିତ ସମର୍ଥନ ଲୋଡିଥିଲେ। ଜନପ୍ରତିନିଧି ଓ ସାଧାରଣ ଜନତା ସମ୍ପୁର୍ଣ୍ଣ ପ୍ରକାର ସହଯୋଗ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି କମିଟିରେ ଅବସର ପ୍ରାପ୍ତ ଶିକ୍ଷକ ତଥା ଆଂଚଳିକ ବିକାଶ ପରିଷଦର ସଭାପତି ନାରାୟଣ ବେହେରା ଡକ୍ଟର ରତିକାନ୍ତ ସାମଲ, ଅବସର ପ୍ରାପ୍ତ ଶିକ୍ଷକ ପ୍ରହଲ୍ଲାଦ ସାହୁ, ରାଜ କିଶୋର ସାହୁ ସୁଶାନ୍ତ କୁମାର ସାହୁ କେଦାର ସେଠୀ ଉପସ୍ଥିତ ରହିଥିଲେ।

# ମିନି ବସୁଧା କାର୍ଯ୍ୟରେ ଅନିୟମିତତା ଅଭିଯୋଗ

**ଲାଞ୍ଜିଗଡ,(ନି.ପ୍ର) :** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକରେ ବର୍ଷ ସାରା ଜଳଶଙ୍କଟ ଲାଗି ରହିଥିବା ବେଳେ ଅଞ୍ଚଳ ଲୋକ ବିଭିନ୍ନ ସମୟରେ ରାସ୍ତା ରୋକ, ଧାରଣା ମଧ୍ୟ ଦେଉଥିବା ଦେଖୁବାକୁ ମିଳୁଛି ହେଲେ ଲାଞ୍ଜିଗଡ ଅଞ୍ଚଳରେ ଜଳ ସଙ୍କଟ ସୁଧାର ଆସିପାରୁନି । ଜଳ ଓ ପରିମଳ ବିଭାଗ ଦ୍ୱାରା ପାଣି ଭଳି କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି ସତ ହେଲେ ଯନ୍ତ୍ରୀ ଓ ଠିକାଦାରଙ୍କ ବାଟମାରାଣ ନୀତିଯୋଗୁଁ ଅତି ନିମ୍ନମାନ କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଛି। ଏହି ପରି ଅଭିଯୋଗ ହେଉଛି ଲାଞ୍ଜିଗଡ ବ୍ଲକ ବିଜେପୁର ପଞ୍ଚାୟତ ଅନ୍ତର୍ଗତ ପ୍ରଧାନୀପଡ଼ା ଓ ସାହାଜ ପଡ଼ା ଗାଁରେ ।



ସୂଚନାମତେ ପ୍ରଧାନୀପଡ଼ା ଓ ସାହାଜ ପଡ଼ା ଗାଁରେ କିଛି ମାସ ହେବ ମିନି ବସୁଧା ପାଣି ଟାଙ୍କି କାର୍ଯ୍ୟ ଚାଲିଛି ଓ ପାଇପ ଯୋଗେ ପ୍ରତ୍ୟୋକ ଘରକୁ ଜଳ ଯୋଗାଣର ବ୍ୟବସ୍ଥା ମଧ୍ୟ ରହୁଛି ହେଲେ ପ୍ରତ୍ୟୋକ ଘରକୁ ପାଇପ ଯୋଗେ ପାଣି ନେବାକୁ ହେଲେ ନିଜେ ଶ୍ରମଦାନ କରିବାକୁ ପଡୁଛି ବୋଲି ଲୋକେ ଅଭିଯୋଗ କରୁଥିବା ବେଳେ ଏପଟେ ସରକାରଙ୍କ ନିୟମ ରହିଛି ମୁଖ୍ୟ ପାଣି ପାଇପ ଠାରୁ ତିନି ମିଟର ପର୍ଯ୍ୟନ୍ତ ଖାଲ ଖୋଲି ଛୋଟ ପାଇପ ଯୋଗେ ଘରକୁ ସଂଯୋଜନା କରି ଷ୍ଟାଣ୍ଡପୋଷ୍ଟ ନିର୍ମାଣକରିବା ପାଇଁ ହେଲେ ଏଠି କାର୍ଯ୍ୟରତ ଠିକାଦାର କହୁଛନ୍ତି ମୁଖ୍ୟ ପାଣି ପାଇପରୁ ନିଜେ ଖାଲ ଖୋଲିକି ନିଜେ ଷ୍ଟାଣ୍ଡପୋଷ୍ଟ ନିର୍ମାଣକରିବା ପାଇଁ ଯଦି ନିଜେ ଖାଲ ନ ଖୋଲ ତାହାହେଲେ ଆମେ ପାଣି ଯୋଗାଇ ପାରିବୁ ନାହିଁ ଆପଣ ଯାହାକୁ ଅଭିଯୋଗ କରୁଛ କର ମୋର କିଛି ଯାଏ ଆସନାହିଁ କହିବାରୁ ଗାଁଲୋକେ ମୁଖ୍ୟ ପାଇଠାରୁ ନିଜେ ଗାତ ଖୋଲି ପାଇପ ସଂଯୋଜନା କରି ଷ୍ଟାଣ୍ଡପୋଷ୍ଟ ତିଆରି କରୁଥିବା ବେଳେ ପରିଶ୍ରମ ଅର୍ଥ ମଧ୍ୟ ମିଳୁନ ଥିବା ଅଭିଯୋଗ ହେଉଛି । ତେବେ ସରକାର ପ୍ରତ୍ୟୋକ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ସତ ହେଲେ ଠିକାଦାର ଓ ଯନ୍ତ୍ରୀ ଙ୍କ ପାଇଁ ନା ଗ୍ରାମ ବାସୀଙ୍କ ପାଇଁ ବୋଲି ଏବେ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି । ଏନେଇ ଆମେ କାର୍ଯ୍ୟରତ ଠିକା ଦାରଙ୍କୁ ପଚାରିବାରୁ ଆମେ ଲୋକଙ୍କୁ କାମ କରେଇଛୁ ଓ ତାଙ୍କ ପାରିଶ୍ରମିକ ଦେଇନୁ ଦୁଇ ଦିନ ସମୟ ମାଗୁଛୁ ନିଶ୍ଚୟ ତାଙ୍କ ପାରିଶ୍ରମିକ ଅର୍ଥ ଦେଇ ଦେଉବୁ ବୋଲି ପ୍ରକାଶ କରିଛନ୍ତି ।

Printed, Published & Owner by Hajarika Mohapatra,
Printed at Das Offset Printers, Udit Nagar Main Road, Rourkela
Dist-Sundargarh (Odisha) and Published at Plot No.: 364/1662, Susanti Vihar, Lane-5, Tankapani Road, Bhubaneswar
Email : satyanews24.bbsr@gmail.com, Mob- +91 90406 99332, 83380 72970
Editor : Satyajit Mohapatra
ସମ୍ପାଦକ : ସତ୍ୟଜିତ ମହାପାତ୍ର